

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୮ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-୮ ■ Baleshwar ♦ WEDNESDAY 28 October 2026

Vol.No. 36 ■ No.281 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି ପୂଜାସଂଖ୍ୟା ସାଗରିକା

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...



ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net

ନିର୍ଦ୍ଧାରିତ ସମୟ ପୂର୍ବରୁ ଅର୍ଣ୍ଣବର ଲ୍ୟାଣ୍ଡଫଲ୍

■୧୬ ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା
■ପଶୁ ସମ୍ପଦ ବିଭାଗ ପକ୍ଷରୁ ଖୋଲିଲା କଣ୍ଟ୍ରୋଲ ରୁମ୍
■ବାତ୍ୟା ଅର୍ଣ୍ଣବ ପାଇଁ ୨୨ ଟ୍ରେନ୍ ବାତିଲ
■ଦାରିଙ୍ଗିବାଡ଼ି ଘାଟି ସିଲ୍ କଲା ପ୍ରଶାସନ



ଭୁବନେଶ୍ୱର, ୨୭/୧୦ (ନି.ପ୍ର): ସମୁଦ୍ରରେ ଶକ୍ତିଶାଳୀ ହୋଇ ସ୍ଥଳଭାଗ ମୁହାଁ ମାଡ଼ିଆସୁଛି ଅତି ଭୀଷଣ ବାତ୍ୟା 'ଅର୍ଣ୍ଣବ'। ବାତ୍ୟାର ଗତିପଥ ଓ ସମ୍ଭାବ୍ୟ ସ୍ଥଳଭାଗ ସ୍ପର୍ଶକୁ ନେଇ ବଢ଼ିଛି ଚିନ୍ତା। ସବିଶେଷ ରିପୋର୍ଟ ଅନୁଯାୟୀ, ବାତ୍ୟା ଆଶାଠାରୁ ଶୀଘ୍ର ସ୍ଥଳଭାଗ ଛୁଇଁପାରେ। ଆଜି ମଧ୍ୟରାତ୍ରିରୁ ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଆରମ୍ଭ ହେବା ସହ ରାତି ୨ଟାରୁ ଭୋର ୪ଟା ମଧ୍ୟରେ ସ୍ଥଳଭାଗ ସ୍ପର୍ଶ କରିବାର ଆଶଙ୍କା ରହିଛି। ଘଣ୍ଟାପ୍ରତି ପ୍ରାୟ ୧୮ କିଲୋମିଟର ବେଗରେ ଆଗକୁ ବଢୁଛି ବାତ୍ୟା 'ଅର୍ଣ୍ଣବ'। ଏହା ବର୍ତ୍ତମାନ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରୁଥିବା ବେଳେ ଆଜି ସନ୍ଧ୍ୟା ପରେ ଦିଗ ପରିବର୍ତ୍ତନ କରି ଉତ୍ତରପଶ୍ଚିମ ମୁହାଁ ହୋଇପାରେ। ଏହାପରେ ଆନ୍ଧ୍ରପ୍ରଦେଶ ଓ ୟାନମ ଉପକୂଳ ଆଡ଼କୁ ଅଗ୍ରସର ହେବାର ଆକଳନ କରାଯାଇଛି। ସୂଚନା ଅନୁଯାୟୀ, ବାତ୍ୟାଟି ଗୋପାଳପୁରଠାରୁ ଦକ୍ଷିଣରେ ପ୍ରାୟ ୩୮୦ କିଲୋମିଟର ଦୂରରେ ରହିଥିବା ବେଳେ ବିଶାଖାପାଟଣାଠାରୁ ଦକ୍ଷିଣ-ଦକ୍ଷିଣପୂର୍ବ ଦିଗରେ ୧୭୦ କିଲୋମିଟର ଏବଂ କାକିନାଡାଠାରୁ ପ୍ରାୟ ୧୪୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଥିଲା। ପାଣିପାଗ ଆକଳନ ଅନୁଯାୟୀ, ଆନ୍ଧ୍ରପ୍ରଦେଶର ବପଟଲା ଓ ବିଶାଖାପାଟଣା ମଧ୍ୟବର୍ତ୍ତୀ ଉପକୂଳ ଅଞ୍ଚଳରେ ବାତ୍ୟା ସ୍ଥଳଭାଗ ଛୁଇଁପାରେ। ଲ୍ୟାଣ୍ଡଫଲ୍ ସମୟରେ ପବନର ବେଗ ଘଣ୍ଟାପ୍ରତି ୧୨୫ରୁ ୧୩୫ କିଲୋମିଟର ରହିବା ସହ ଝଟକା ପବନର ବେଗ ୧୫୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିବା ଆଶଙ୍କା ରହିଛି। ବାତ୍ୟାର ପ୍ରଭାବରେ ଆନ୍ଧ୍ରପ୍ରଦେଶ ଉପକୂଳ ସମେତ ଦକ୍ଷିଣ ଓଡ଼ିଶାରେ ମଧ୍ୟ ପ୍ରବଳ ବର୍ଷା ଓ ଝଡ଼ ପବନର ଆଶଙ୍କା ରହିଛି। ବାତ୍ୟା ଅର୍ଣ୍ଣବ ପାଇଁ ବଢ଼ିଲା ବିଭିନ୍ନ ଜିଲ୍ଲାରେ ସ୍କୁଲ ଛୁଟି। ୧୬ଟି ଜିଲ୍ଲାରେ ଛୁଟି ଘୋଷଣା ହେଲାଣି। ଶିଶୁବାଟିକା ଠାରୁ ଦ୍ୱାଦଶ ଯାଏଁ ବନ୍ଦ ରହିବ। ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ବନ୍ଦ ରହିବ। ତେବେ ଶିକ୍ଷକମାନଙ୍କୁ ସ୍କୁଲ୍ ଆସିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତାକାଲି ସ୍କୁଲ ଛୁଟି ଘୋଷଣା ହୋଇଥିବା ଜିଲ୍ଲା ଗୁଡିକ ହେଲା, ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି, ରାୟଗଡ଼ା, ନବରଙ୍ଗପୁର, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ନୟାଗଡ଼, କଳାହାଣ୍ଡି , ନୂଆପଡ଼ା, କଟକ, କନ୍ଧମାଳ, ବଲାଙ୍ଗୀର ଏବଂ କେନ୍ଦ୍ରାପଡା। ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବର ପ୍ରଭାବକୁ ଦୃଷ୍ଟିରେ ରଖି ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ କଂଟ୍ରୋଲ ରୁମ୍ ଖୋଲାଯାଇଛି। ଯେକୌଣସି ଜରୁରୀ ସହାୟତା ପାଇଁ କଂଟ୍ରୋଲ ରୁମ୍ ନମ୍ବର

◆◆ପୃଷ୍ଠା ୭

ଆଇଏଏସ ସ୍ତରରେ ଅଦଳ ବଦଳ : ପୋମା ଟୁଡୁ ହେଲେ କୃଷି ବିଭାଗ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ଆଇଏଏସ ସ୍ତରରେ ଅଦଳ ବଦଳ କଲେ ରାଜ୍ୟ ସରକାର । ପୋମା ଟୁଡୁ ହେଲେ କୃଷି ବିଭାଗ ନିର୍ଦ୍ଦେଶକ, କାଜୁ ଉନ୍ନୟନ ନିଗମ ଏମଡି ଭାବେ ମଧ୍ୟ ପୋମା ଟୁଡୁଙ୍କୁ ଅତିରିକ୍ତ ଦାୟିତ୍ୱ ମିଳିଛି । ସେହିପରି ଗାଭାଲି ପରାଗ ହର୍ଷଦଙ୍କୁ ଘଏଗ ଏମଡି ଦାୟିତ୍ୱ, ବିଜୟ ଅମୃତ କୁଲାଙ୍ଗେଙ୍କୁ ଦକ୍ଷିଣାଞ୍ଚଳ ରେଞ୍ଜ୍ ଜଉଡ ଦାୟିତ୍ୱ, ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଉଦ୍ୟାନ କୃଷି ନିର୍ଦ୍ଦେଶକ ଭାବେ ଅତିରକ୍ତ ଦାୟିତ୍ୱ ମିଳିଛି । ଓମଫେଡ୍ ଏମଡି ଭାବେ ପ୍ରଣତି ଛୋଟରାୟ ଦାୟିତ୍ୱ ତୁଲାଇବେ। ଶୁବ୍ର କୁମାର ପଣ୍ଡା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ ଏମ୍ ଡି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଭାବେ ନିଯୁକ୍ତ କରାଯାଇଛି । ଏହାସହ ସେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ଦାୟିତ୍ୱ ମଧ୍ୟ ତୁଲାଇବେ । ପୂର୍ବରୁ ସେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଦାୟିତ୍ୱରେ ଥିଲେ । କୃଷି ଓ ଖାଦ୍ୟ ଉପାଦନ ନିର୍ଦ୍ଦେଶକ ଥିବା ଶୁଭମ ସକ୍ସେନାଙ୍କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବା ବିଡିଏର ଉପାଧକ୍ଷ ଭାବେ ନିଯୁକ୍ତ କରାଯାଇଛି । କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ଡକ୍ଟର ଗାଭାଲି ପରାଗ ହର୍ଷଦଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ବା ଘଏଗ ର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି ।

ଲୋକ ସେବା ଭବନରେ କୋଟିଆ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧକ୍ଷତାରେ ଉଚ୍ଚସ୍ତରୀୟ କମିଟି ବୈଠକ



ଭୁବନେଶ୍ୱର, ୨୭/୧୦ (ନି.ପ୍ର): କୋଟିଆକୁ ନେଇ ସରକାରଙ୍କ ତତ୍ପରତା। ଲୋକସେବା ଭବନରେ ଆରମ୍ଭ ହୋଇଛି କୋଟିଆ ସମ୍ପର୍କିତ ଉଚ୍ଚସ୍ତରୀୟ କମିଟି ବୈଠକ। ରାଜସ୍ୱ ମନ୍ତ୍ରୀଙ୍କ ଅଧକ୍ଷତାରେ ବସିଛି ଏହି ବୈଠକ। ଲୋକସେବା ଭବନର ତୃତୀୟ ମହଲାରେ ଚାଲିଛି ଆଲୋଚନା। ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସହ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଅଛନ୍ତି। ସେପଟେ କୋରାପୁଟରୁ ଭର୍ଚୁଆଲ୍ ମାଧ୍ୟମରେ ବୈଠକରେ ଯୋଡ଼ି ହୋଇଛନ୍ତି ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଏବଂ କୋରାପୁଟ ଜିଲ୍ଲାପାଳ। କୋଟିଆରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ହେଉଛି ସମୀକ୍ଷା। କେଉଁ କେଉଁ ପ୍ରକଳ୍ପ ହାତକୁ ନିଆଯାଇଛି, ସେସବୁର ଅଗ୍ରଗତି କେତେ ଏବଂ ଆଗକୁ କେଉଁ କେଉଁ ପଦକ୍ଷେପ ନିଆଯିବ, ସେନେଇ ହେଉଛି ବିସ୍ତୃତ ଆଲୋଚନା। କୋଟିଆରେ ବିକାଶମୂଳକ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ସହ ଆଗାମୀ ଦିନର କାର୍ଯ୍ୟଯୋଜନା ପ୍ରସ୍ତୁତି ଉପରେ ରହିଛି ଫୋକସ୍।

ଜଳେଶ୍ୱର ନାବାଳିକା ଛାତ୍ରୀ ଗଣଦୁଷ୍କର୍ମ ଓ ହତ୍ୟା ପ୍ରତିବାଦରେ ମହମବତୀ ସଭା



ବାଲେଶ୍ୱର, ୨୭/୧୦ (ନି.ପ୍ର): ଗତ କାଲି ସନ୍ଧ୍ୟା ୫ ଘଟିକା ସମୟରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଆବାହକ ଏମ୍.ଡି. ଇସଲାମ୍‌ଙ୍କ ଆହ୍ୱାନରେ ଜଳେଶ୍ୱର ନାବାଳିକା ଛାତ୍ରୀ ଗଣ ଦୁଷ୍କର୍ମ ଓ ହତ୍ୟା ପ୍ରତିବାଦରେ ଏକ ମହମବତୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟତମ ଆବାହିକା ପ୍ରତିମା ପଣ୍ଡା ସଭାପତିତ୍ୱ କରିଥିଲେ। ଏହି ସଭାଟି ମୁଖ୍ୟତଃ ଦୁଇଗୋଟି ଦାବୀ ନେଇ ଅନୁଷ୍ଠିତ କରାଯାଇଥିଲା। ପ୍ରଥମତଃ ଦୁଷ୍କର୍ମକାରୀମାନଙ୍କୁ 'ାଶୀ ଦଣ୍ଡ ସହିତ ପୀଡିତା ପରିବାରକୁ ୫୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉ। ତତ୍‌ସହିତ ଏହି ଗଣଦୁଷ୍କର୍ମରେ ଯେଉଁ ମୁଖ୍ୟ ଅଭିଯୁକ୍ତମାନେ ପ୍ରଚ୍ଛଦରେ ଅଛନ୍ତି, ସେମାନଙ୍କୁ ଯଥାଶୀଘ୍ର ଲୋକଲୋଚନକୁ ଅଣାଯାଉ। ଯଦି ଯଥା ଶୀଘ୍ର ଏହି ନ୍ୟାଯ୍ୟ ଦାବୀ ପୂରଣ ନ ହୁଏ, ତାହାହେଲେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନଶନ କରାଯିବ। ସଭା ଆରମ୍ଭରେ ଦିବଙ୍ଗତ ଆତ୍ମାର ଶାନ୍ତି ପାଇଁ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ପ୍ରତିମା ପଣ୍ଡା, ଅର୍ଚ୍ଚନା ନନ୍ଦୀ, ଶାନ୍ତି ବିଶି, ଜ୍ୟୋସ୍ନା ସେନାପତି, କବିତା ଦାସ, ପ୍ରଣତୀ ମିଶ୍ର, ତୁଷାର କାନ୍ତି ମହାପାତ୍ର, ଅରୁଣ ଜେନା, ସକିଲା ବାନୋ, ପ୍ରତାପ ସିଂହ, ଚକ୍ରଧର ଦାସ, ପ୍ରଭାକର ଦାସ, ବେଣୁଧର ଦାସ, ବିଦ୍ୟାଧର ଦାସ, ସେକ ସାଜିତ, ସେକ ନାଜିର, ◆◆ପୃଷ୍ଠା ୭

ନ୍ୟୁଜିଲାଣ୍ଡକୁ ହରାଇବା ପରେ ଭାରତୀୟ କ୍ରିକେଟ ଦଳକୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୬ ୱିକେଟ୍‌ରେ ବିଜୟ ହାସଲ କରି ପାଂଚଟିକିଆ ସିରିଜ୍‌ରେ ୩-୦ରେ ଅଗ୍ରଣୀ ହୋଇଥିବା ଭାରତୀୟ କ୍ରିକେଟ୍ ଦଳକୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ବିଜୟ ଭାରତୀୟ କ୍ରିକେଟ୍ ପାଇଁ ଏକ ଗର୍ବର ମୁହୂର୍ତ୍ତ। ଦଳର ଦକ୍ଷତା, ଦୃଢ଼ ସଂକଳ୍ପ ଓ ଉତ୍କୃଷ୍ଟ କ୍ରୀଡ଼ା ମନୋଭାବ ଏହି ବିଜୟରେ ପ୍ରତିଫଳିତ ହୋଇଛି।

ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇ ଦ୍ରୁତ ବିକାଶ ପଥରେ ଓଡ଼ିଶା: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୭/୧୦ (ନି.ପ୍ର): ଆସନ୍ତା ଅକ୍ଟୋବର ୩୧ ତାରିଖରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୧ତମ ଜନ୍ମବାର୍ଷିକୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗୁଜରାଟର ଏକତା ନଗରସ୍ଥିତ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ନିକଟରେ ଅନୁଷ୍ଠିତ ହେବାକୁଥିବା ଜାତୀୟ ପ୍ୟାରେଡ୍‌ରେ ଯୋଗଦେବା ପାଇଁ ଆଜି ଭୁବନେଶ୍ୱର ନୂଆ ରେଳ ଷ୍ଟେସନରୁ ଏକ ସ୍ୱତନ୍ତ୍ର ଟ୍ରେନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ରାଜ୍ୟର ୧୯ଟି ନକ୍ସଲମୁକ୍ତ ଜିଲ୍ଲାରୁ ପ୍ରାୟ ଏକ ହଜାର ଜଣ ପ୍ରତିନିଧି ଏହି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗୁଜରାଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି, ଯେଉଁମାନେ କି ଏକତା ନଗରରେ ଶାନ୍ତି, ସୁରକ୍ଷା ଏବଂ ପ୍ରଗତିର ପ୍ରତୀକ ଭାବେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ।ଏହି ଶୁଭାରମ୍ଭ ଅବସରରେ ଗଣମାଧ୍ୟମକୁ ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି ଯେ ଏକ ଅସାଧାରଣ ନେତୃତ୍ୱ ଓ ଦୃଢ଼ ସଂକଳ୍ପ ବଳରେ ସର୍ଦ୍ଦାର ପଟେଲ ଦେଶର ୫୫୦ରୁ ଅଧିକ ଦେଶୀୟ ରାଜ୍ୟକୁ ଏକତ୍ରିତ କରି ଆଜିର ଅଖଣ୍ଡ ଭାରତ ଗଠନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ମସିହାରେ କ୍ଷମତାକୁ ଆସିବା ପରେ ପ୍ରତିବର୍ଷ ତାଙ୍କ ଜନ୍ମଦିବସକୁ 'ରାଷ୍ଟ୍ରୀୟ ଏକତା ଦିବସ' ଭାବେ ପାଳନ କରି ତାଙ୍କ ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନ କରିଆସୁଛନ୍ତି। ଚଳିତ ବର୍ଷର ଏହି ଜାତୀୟ ସ୍ତରୀୟ ଏକତା ପ୍ୟାରେଡ୍ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ଭାରତର ଚିତ୍ରକୁ ପ୍ରତିଫଳିତ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦୃଢ଼ ନେତୃତ୍ୱ ଏବଂ ଦେଶ ତଥା ରାଜ୍ୟର ସୁରକ୍ଷା ବାହିନୀଙ୍କ ପ୍ରଚେଷ୍ଟା ଫଳରେ ଦେଶ ଏବଂ ଓଡ଼ିଶା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇ ଦ୍ରୁତ ଗତିରେ ବିକାଶ ପଥରେ ଆଗେଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଭିତ୍ତିଭୂମି ନିର୍ମାଣ ସହିତ ସାମାଜିକ ଓ ଅର୍ଥନୈତିକ ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି।

ସିରିଆରେ ଜୋର୍ଡାନ ଆକ୍ରମଣ: ନଅ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୭/୧୦ : ଶୁକ୍ରବାର ଦିନ ଜୋର୍ଡାନର କରକ୍ ପ୍ରଦେଶର ଏକ ଚର୍ଚ୍ଚରେ ହୋଇଥିବା ଗୁଳିକାଣ୍ଡର ଜବାବରେ ଦେଶର ସଶସ୍ତ୍ର ବାହିନୀ ଦକ୍ଷିଣ-ପୂର୍ବ ସିରିଆରେ ଥିବା ସଶସ୍ତ୍ର ଗୋଷ୍ଠୀଗୁଡ଼ିକର ଠିକଣାକୁ ଟାର୍ଗେଟ୍ କରି ଆକ୍ରମଣ କରିଛି ବୋଲି ସୂଚନା ଦେଇଛି। ଏହି ଗୁଳିକାଣ୍ଡରେ ଅତି କମ୍ରେ ୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି। ଜୋର୍ଡାନ ସେନା କହିଛି ଯେ, ସିରିଆରେ ଏହି ଆକ୍ରମଣଗୁଡ଼ିକ "ସିରିଆ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି" କରାଯାଇଥିଲା।

ଏସଆଇଆରକୁ ନେଇ ସୁପ୍ରିମ୍‌କୋର୍ଟରେ ଶୁଣାଣି: ନିର୍ବାଚନ ଆୟୋଗଙ୍କ ଜବାବ ଉପରେ ପ୍ରତି ଜବାବ ପାଇଁ ୧୦ ଦିନ ମହଲତ



ନୂଆଦିଲ୍ଲୀ,୨୭/୧୦ : ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ନେଇ ଚାଲିଥିବା ମାମଲାରେ ଆବେଦନକାରୀଙ୍କୁ ୧୦ ଦିନ ସମୟ ଦେଇଛନ୍ତି ସୁପ୍ରିମ୍‌କୋର୍ଟ । ନିର୍ବାଚନ ଆୟୋଗ ଦାଖଲ କରିଥିବା ଜବାବର ପ୍ରତିଜବାବ ଦାଖଲ କରିବା ପାଇଁ ମଙ୍ଗଳବାର ଖଣ୍ଡପୀଠ ଏହି ସମୟ ଦେଇଛନ୍ତି । ଅନ୍ୟପଟେ ଏସ୍‌ଆଇଆର ପ୍ରକ୍ରିୟାରେ କୌଣସି ବେଆଇନ ପଦକ୍ଷେପ ନିଆଯାଇନାହିଁ ଏବଂ ସମସ୍ତ ନିଷ୍ପତ୍ତି ତିନି ନିର୍ବାଚନ ଆୟୁକ୍ତଙ୍କ ସର୍ବସମ୍ମତିକ୍ରମେ ନିଆଯାଇଛି ବୋଲି ଆୟୋଗ ନିଜ ସତ୍ୟପାଠରେ ଦର୍ଶାଇଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ । ମୁଖ୍ୟ ଆବେଦନକାରୀ ରାକେଶ କୁମାର ସିଂହଙ୍କ ପକ୍ଷରୁ ହାଜର ହୋଇଥିବା ବରିଷ୍ଠ ଓକିଲ ବିକାଶ ସିଂହଙ୍କୁ ଆୟୋଗଙ୍କ ଜବାବର ପ୍ରତିଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ବାଚନ ଆୟୋଗ ସୋମବାର ସନ୍ଧ୍ୟାରେ ନିଜର ଜବାବ ଦାଖଲ କରିଥିଲେ । ଆୟୋଗ ପକ୍ଷରୁ ଦାଖଲ ୨୪୮ ପୃଷ୍ଠାର ସତ୍ୟପାଠରେ ଏସ୍‌ଆଇଆର ପ୍ରକ୍ରିୟାକୁ ନେଇ ଉଠିଥିବା ଅନିୟମିତତା ଅଭିଯୋଗକୁ ଖଣ୍ଡନ କରାଯାଇଛି । ଭୋଟର ଭାବେ ନାମ ପଞ୍ଜୀକରଣ ପାଇଁ ବ୍ୟବହୃତ ଫର୍ମ-୬ରେ କୌଣସି ପରିବର୍ତ୍ତନ କରାଯାଇନାହିଁ ବୋଲି ଆୟୋଗ ସ୍ପଷ୍ଟ କରିଛନ୍ତି । ଉପନିର୍ବାଚନ ଆୟୁକ୍ତ ଭାନୁ ପ୍ରକାଶ ୟେତୁରୁଙ୍କ ଜରିଆରେ ଦାଖଲ ଏହି ସତ୍ୟପାଠକୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ସମେତ ଅନ୍ୟ ଦୁଇ ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀ ସମର୍ଥନ କରିଛନ୍ତି । ଏସ୍‌ଆଇଆର ସମ୍ପର୍କିତ ନିଷ୍ପତ୍ତିକୁ ନେଇ ଅନ୍ୟ ଦୁଇ ନିର୍ବାଚନ ଆୟୁକ୍ତ ଆପତ୍ତି ଉଠାଇଥିବା ନେଇ ପ୍ରକାଶିତ ରିପୋର୍ଟକୁ ଆଧାର କରି ଏହି ମାମଲା ଦାଏର ହୋଇଥିଲା । ତେବେ ଆୟୋଗ କହିଛନ୍ତି ଯେ, ଆଭ୍ୟନ୍ତରୀଣ

◆◆ପୃଷ୍ଠା ୭

ନଭେମ୍ବର ୧ରେ ବିଶାଳ ରାଲି: ଜଗିବେ ୩୫୦୦ ପୁଲିସ, ନଜର ରଖିବ ୨୦୦ରୁ ଅଧିକ ସିସିଟିଭି



ନୂଆଦିଲ୍ଲୀ,୨୭/୧୦ : ନଭେମ୍ବର ୧ ତାରିଖରେ ଦିଲ୍ଲୀର ରାମଲୀଳା ମୈଦାନରେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟର ପ୍ରସ୍ତାବିତ ରାଲି ପୂର୍ବରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି ଦିଲ୍ଲୀ ପୁଲିସ। ରାଲିରେ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହେବାର ଆଶଙ୍କା ଥିବାରୁ ପ୍ରାୟ ୩,୫୦୦ ପୁଲିସ କର୍ମଚାରୀ ମୁତୟନ ହେବେ। ଏହା ସହ ୨୦୦ରୁ ଅଧିକ ସିସିଟିଭି କ୍ୟାମେରା ଜରିଆରେ ନଜର ରଖାଯିବ ଏବଂ ସୁରକ୍ଷା ପରିଚାଳନା ପାଇଁ ପୂରା ଅଞ୍ଚଳକୁ ୧୪ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସଆଇଆର)କୁ ନେଇ ବିରୋଧୀ ଦଳଗୁଡ଼ିକ ଏହି ପ୍ରତିବାଦ ରାଲି ଆୟୋଜନ କରୁଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ମଧ୍ୟ ଉଠାଇଛନ୍ତି ବିର

କିଓସ୍କ ବ୍ୟାଙ୍କଶାଖା ପରିଚାଳିକାଙ୍କ ଦ୍ୱାରା ଆଦିବାସୀ ମହିଳା ଠକେଇର ଶିକାର

ସାଂସଦଙ୍କ ହସ୍ତକ୍ଷେପ ପରେ ପରିଚାଳିକାଙ୍କ ବିରୋଧରେ ଥାନାରେ ମାମଲା ରୁଜୁ



ନୀଳଗିରି ,୨୭/୧୦ (ନି.ପ୍ର): ଟିପଚିହ୍ନ ନେଲେ।ସର୍ଭରଡାଉନ୍ କହି ୨ଜଣ ହିତାଧିକାରୀଙ୍କୁ ପରେ ଆସି ଟଙ୍କା ଉଠାଣ କରିବାକୁକହି ଫେରାଇ ଦେଇଥିଲେ ନରଣପୁର କିଓସ୍କ ବ୍ୟାଙ୍କର ଶାଖାପରିଚାଳିକା। ପରବର୍ତ୍ତୀ ସମୟରେ ଟଙ୍କା ଉଠାଣକରିବାକୁ ଆସି ଉକ୍ତ ଦୁଇଜଣ ଆଦିବାସୀ ମହିଳା ହିତାଧିକାରୀ ସେମାନଙ୍କର ଏକାଉଣ୍ଟରେ ଟଙ୍କା ନଥିବା ଦେଖି ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ୍ ନରଣପୁର ପଞ୍ଚାୟତ ନରଣପୁର ଗ୍ରାମରେ। ତେବେ ସଂପୃକ୍ତ ଆଦିବାସୀ ମହିଳା ସାଂସଦଙ୍କ ଠାରେ ଫେରାଦ ହେବାପରେ ହରଡଘଣାରେ ପଡ଼ିଛନ୍ତି ଶାଖାପରିଚାଳିକା। ସୂଚନା ମୁତାବକ ନରଣପୁର ଗ୍ରାମର ମିନତି ସାହୁଙ୍କ ନାମରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଏକ କିଓସ୍କଶାଖା ରହିଥିବା ବେଳେ ଉକ୍ତ ଅଞ୍ଚଳର ଶହଶହ ହିତାଧିକାରୀ ଏହି ଶାଖାରେ ଟଙ୍କା ନେଣଦେଣ କରିଥାନ୍ତି। ସଂପୃକ୍ତ ଶାଖା ପରିଚାଳିକା ମିନତୀ ସାହୁ ସୁଲଭ ଖାଉଟି ଦୋକାନ (ରିଟଲା), ସିଆରପି, କିଓସ୍କ ବ୍ୟାଙ୍କ ଭଳି ସରକାରଙ୍କ ଏକାଧିକ ଜନକଲ୍ୟାଣକାରୀ ଯୋଜନାର ଫାଇଦାନେଇ ଲୋକଙ୍କୁ ଠକିବାର ନଜିର ରହିଥିବା ବେଳେ ଏବେ ଏହିଦୁଇଜଣ ଗରୀବ ଆଦିବାସୀ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପକରିଥିବା ଅଭିଯୋଗପାଇ ବାଲେଶ୍ୱର ସାଂସଦଙ୍କ ହସ୍ତକ୍ଷେପ ପରେ ବରହମପୁର ପୋଲିସ ୨ଟି ପୃଥକ୍ ପୃଥକ୍ ମାମଲା ରୁଜୁକରି ତଦନ୍ତ କରୁଥିବା ଜଣାପଡିଛି। ସୂଚନା ମୁତାବକ ଉକ୍ତ ପଞ୍ଚାୟତ ଡାହିସାହି ଗ୍ରାମର ବିଧବାମହିଳା ଗୌରୀ ମାଝୀ ସୁଭଦ୍ରା ଯୋଜନାରେ ୫ହଜାର ପାଇଥିବା ବେଳେ ଗତ ସେପ୍ଟେମ୍ବର ୧୧ତାରିଖରେ ଟଙ୍କା ଉଠାଣପାଇଁ ଯାଇ ଟିପଚିହ୍ନ ଦେଇଥିଲେ ହେଁ ସର୍ଭର ଡାଉନ୍ ଥିବାକହି ମିନତୀ ସାହୁ ଫେରାଇ ଦେଇଥିଲେ। ମାତ୍ର ସଂପୃକ୍ତ ମହିଳା ଗୌରୀ ମାଝୀ ଅପାଠୁଆ ଥିବାରୁ ତାଙ୍କ ଝିଅ ଘରକୁ ଫେରିବାପରେ ଅକ୍ଟୋବର ୧୦ତାରିଖ ଆକାଉଣ୍ଟ ବହି ଅପଟୁଡେଟ୍ କଲାପରେ ଆକାଉଣ୍ଟ ଖାଲିଥିବା ଜାଣିବାକୁ ପାଇଥିଲେ। ପରବର୍ତ୍ତୀ ସମୟରେ ସଂପୃକ୍ତ ପରିଚାଳିକାଙ୍କୁ ପଚାରିବାରୁ ତମେ ଟଙ୍କା ଉଠାଇନେଇଛ କହି ପରିଚାଳିକା ଏବଂ ତାଙ୍କ ସ୍ୱାମୀ ଗଜେନ୍ଦ୍ର ସାହୁ ମିଶି ପାଲଟା ଗାଳିଗୁଲଜ କରିବାସହିତ ମାରଧର କରିବାକୁ ଗୋଡାଇଥିଲେ। ଅନୁରୂପ ଭାବେ ଉକ୍ତ ଗ୍ରାମର ସୀତା ଟୁଡୁ ନାମ୍ନୀ ମହିଳା ଉକ୍ତ ଶାଖାରେ ଅକ୍ଟୋବର ୧୫ତାରିଖରେ ୨୮ହଜାର ଟଙ୍କା ଜମା କରିଥିଲେ। ଏବଂ ଜମାଟଙ୍କାର ରସିଦ ମଧ୍ୟ ପାଇଥିଲେ। ପରେ ଟଙ୍କା ଆବଶ୍ୟକ ହେବାରୁ ଅକ୍ଟୋବର ୨୦ତାରିଖରେ ୫ହଜାର ଟଙ୍କା ଉଠାଣକରି ଜମାଖାତାରେ କେତେ ଟଙ୍କା ରହିଲାବୋଲି ଜାଣିବାକୁ ଚାହିଁବାରୁ ୪ହଜାର ୮ଶହ ୭୮ଟଙ୍କା ଜମାରହିଥିବା ପରିଚାଳିକା କହିଥିଲେ। ପରବର୍ତ୍ତୀ ସମୟରେ ପରିଚାଳିକା ମିନତୀକୁ କାହିଁକି ଟଙ୍କା ଜମାହୋଇନାହିଁ ପଚାରିଥିଲେ। ଭୁଲରେ ଜମା ହୋଇନଥିବା କହି ୨୨ତାରିଖରେ ୨୦ହଜାର ଟଙ୍କା ଡିପୋଜିଟ୍ କରିଦେଇଥିଲେ। ତେବେ ସନ୍ଦେହ ହେବାରୁ ଆକାଉଣ୍ଟ ଅପଡେଟ୍ କରିବା ପରେ ୨୮ହଜାର ବଦଳରେ ୨୦ହଜାର ଜମା ହୋଇଥିବା ଜାଣିବାକୁ ପାଇଥିଲେ। ଟଙ୍କା ହେରଫେର ହୋଇଥିବା ନେଇ ଗତ ୨୩ତାରିଖ ଉଭୟ ପୀଡ଼ିତା ମହିଳା ବରହମପୁର ଥାନାରେ ଅଭିଯୋଗ କରିବାସହିତ ବରହମପୁର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଶାଖାପରିଚାଳକଙ୍କୁ ଅବଗତ କରିଥିଲେ। ମାତ୍ର ଉଭୟ ବ୍ୟାଙ୍କଶାଖା ପରିଚାଳକ ଏବଂ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇନଥିବାରୁ ବାଧ୍ୟହୋଇ ବାଲେଶ୍ୱର ସାଂସଦଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ତୁରନ୍ତ ସାଂସଦ ସଂପୃକ୍ତ ବିଭାଗୀୟ ଅଧିକାରୀ, ପୋଲିସ ଅଧୀକ୍ଷକ, ବ୍ୟାଙ୍କ ଅଧିକାରୀ , ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କୁ ଅବଗତକରି ଗରୀବ ଅସହାୟ ଆଦିବାସୀ ମହିଳାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନକରିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବାଲେଶ୍ୱର ପୌରପାଳିକା ବ୍ରାହ୍ମଣ ସମିତିର ବୈଠକ ଓ ବନ୍ଧୁମିଳନ

ବାଲେଶ୍ୱର,୨୭/୧୦ (ନି.ପ୍ର): ବାଲେଶ୍ୱର ପୌରପାଳିକା ବ୍ରାହ୍ମଣ ସମିତିର ବୈଠକ ଓ ବିଜୟା ବନ୍ଧୁମିଳନ ବାଲେଶ୍ୱର ସହରର ମୀର୍ଜା ପୋଖରୀ ଲେନ୍ ନିକଟସ୍ଥ ପୌରପାଳିକାର ଉପସଭାପତି ବିରେନ୍ଦ୍ର କୁମାର କର, ପିତା ସ୍ୱର୍ଗତ ନୟନ ଚନ୍ଦ୍ର କରଙ୍କ ବାସଭବନରେ ରବିବାର ଦିନ ପବିତ୍ର କୁମାର ପୂର୍ଣ୍ଣମୀ ଓ ଗଜଲକ୍ଷ୍ମୀ ପୂଜା ଅବସରରେ ଯଥୋଚିତ ଉତ୍ସାହ ଓ ଉଦ୍ଦୀପନାର ସହ ବ୍ରାହ୍ମଣ ସମିତିର ବହୁ କର୍ମକର୍ତ୍ତା ଓ ସଦସ୍ୟଙ୍କ ଉପସ୍ଥିତିରେ ପୌରପାଳିକାର ମୁଖ୍ୟ ଉପଦେଷ୍ଟା ପଣ୍ଡିତ କମଳାକାନ୍ତ ତ୍ରିପାଠୀ ଓ ରେମୁଣା ବ୍ଲକ ବ୍ରାହ୍ମଣ ମହାସଭାର ପ୍ରତିଷ୍ଠାତା ସଭ୍ୟ ପଣ୍ଡିତ ଶଶିପଦ ପଣ୍ଡା ଙ୍କ ଦ୍ୱାରା ମଙ୍ଗଳାଷ୍ଟକ ପାଠ ମଧ୍ୟରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପୌରପାଳିକାର ସଭାପତି ଡକ୍ଟର ଗୌର ସାଧନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ପ୍ରଦୀପ କୁମାର ପତି ଓ ପଣ୍ଡିତ ଜଗନ୍ନାଥ ମିଶ୍ର ବେଦ ପାଠ କରିଥିଲେ। ବାଲେଶ୍ୱର ପୌରପାଳିକା ବ୍ରାହ୍ମଣ ସମିତି ପ୍ରତି ବିଶେଷ ଅବଦାନ ଓ ଆର୍ଥିକ ଅନୁଦାନ ଘୋଷଣା କରିଥିବାରୁ ନୀଳଗିରି ବ୍ରାହ୍ମଣ ସମିତିର ସଭାପତି ପଣ୍ଡିତ ସୂର୍ଯ୍ୟ ନାରାୟଣ ଷଡ଼ଙ୍ଗୀ ଓ ପୃଷ୍ଠପୋଷକ ସୁରେଶ କୁମାର ଦାସଙ୍କୁ ପୌରପାଳିକା ତରଫରୁ ବରିଷ୍ଠ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ରାଧାକୃଷ୍ଣ ଆଚାର୍ଯ୍ୟ, ବୀରିକଶୋର ପାଣିଗ୍ରାହୀ ଓ ପଣ୍ଡିତ ଭାସ୍କର ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରେମୁଣା ବ୍ଲକ ସଭାପତି ପଣ୍ଡିତ ହରିଷ୍ଚନ୍ଦ୍ର ପଣ୍ଡା ଓ ଜଳେଶ୍ୱର ବ୍ଲକର ସଭାପତି ପଣ୍ଡିତ ଗିରୀଶ ଚନ୍ଦ୍ର ପାଣିଗ୍ରାହୀ ଏବଂ ସର୍ବଶ୍ରୀ ସରୋଜ ନାରାୟଣ ଷଡ଼ଙ୍ଗୀ, ଅଶୋକ କୁମାର ତ୍ରିପାଠୀ, ସର୍ବେଶ୍ୱର ପତି, ଚିତ୍ତରଞ୍ଜନ ପଣ୍ଡା, ଜଗବନ୍ଧୁ ଦାଶ, ଭରତ ଚନ୍ଦ୍ର ପଣ୍ଡା, ନିଳାମ୍ବର ମହାପାତ୍ର, ଶ୍ୟାମ ସୁନ୍ଦର ଶୁକ୍ଳ, ଗଣେଶ୍ୱର ପଣ୍ଡା, କୃଷ୍ଣ ଚନ୍ଦ୍ର ଦାଶ ପ୍ରମୁଖ ଉଦବୋଧନ ଦେଇ ବ୍ରାହ୍ମଣ ସମିତିର ସାଂଗଠନିକ ଦକ୍ଷତା ବୃଦ୍ଧି ସହ ବ୍ରାହ୍ମଣ ସମାଜର ଏକତା ପାଇଁ ସମସ୍ତେ ସହଯୋଗ କରିବା ପାଇଁ ଗୁରୁତ୍ୱ ଆରୋପ କରିଥିଲେ। ଶେଷରେ ସମସ୍ତେ ପରସ୍ପରକୁ ବିଜୟା ଶୁଭେଚ୍ଛା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ସାମୂହିକ ଭୋଜନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସଂପାଦକ ଶାନ୍ତି ସ୍ୱରୂପ ମିଶ୍ରଙ୍କୁ ତାଙ୍କର ସାଂଗଠନିକ ଦକ୍ଷତା ପାଇଁ ସମସ୍ତେ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ସମସ୍ତେ ଏକତାବଦ୍ଧ ହୋଇ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକ ଓ ପୌରପାଳିକାର ସଙ୍ଗଠନର ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ବନ୍ଧୁମିଳନ ମଧ୍ୟରେ ଶପଥ ନେଇଥିଲେ। ସର୍ବଶେଷରେ ପୌରପାଳିକାର କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ଚନ୍ଦ୍ରାଂଶୁ ବାନାର୍ଜୀ ସମସ୍ତଙ୍କୁ ସାନୁଗ୍ରହ ଉପସ୍ଥିତି ପାଇଁ ହାର୍ଦ୍ଦିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ।

ଜଙ୍ଗଲି ବିଲୁଆ ଆକ୍ରମଣରେ ଚାରି ଆହତ

ଜୟପୁର,୨୭/୧୦ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରୀଗୁଡା ଅଂଚଳରେ ବଣ ବିଲୁଆ ଆତଙ୍କ ଦେଖିବାକୁ ମିଳିଛି । ବିଲୁଆ ଆକ୍ରମଣରେ ଚାରି ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ୨ ନାବାଳକ ଅଛନ୍ତି । ସମସ୍ତ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ଆଣି ବୈପାରୀଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଛି । ଗତକାଲି ବିଳମ୍ବିତ ରାତିରେ ଗୋଟିଏ ବଣ ବିଲୁଆ ବୈପାରୀଗୁଡା ବ୍ଲକ ର ଦୋରାଗୁଡା ଓ ଧନପୁରୀଆଗୁଡା ଗାଁ ଭିତରକୁ ପଶି ଆସିଥିଲା, ଯାହାକୁ ପାଇଲା ତାହାକୁ ଆକ୍ରମଣ କରିଛି । ଦୋରାଗୁଡାର ୩ ଜଣ ଓ ଧନପୁରୀଆଗୁଡା ଗାଁ ର ଜଣକୁ ଆକ୍ରମଣ କରିଛି । ଆହତ ବ୍ୟକ୍ତିଙ୍କ ମଧ୍ୟରୁ ଦରାଗୁଡା ଗାଁ ର ବାର ବର୍ଷୀୟା ନମିତା ଗଲରୀ, ଦଶ ବର୍ଷୀୟା ରାଜକୁମାର ନାୟକ, ବିଭୀଷଣ ଗଲରୀ (୩୭), ଧନପୁରୀଆଗୁଡା ଗାଁ ର ବୃନ୍ଦାବନ କାଉଡିଆ (୫୦) । ବୈପାରୀଗୁଡା ମେଡ଼ିକାଲରେ ସମସ୍ତ ଆହତଙ୍କ ଚିକିତ୍ସା ଚାଲିଛି

ସୁନା ଝିଅ ମେହେକଙ୍କୁ ସମ୍ବର୍ଦ୍ଧନା

ପୁରୀ,୨୭/୧୦ (ନି.ପ୍ର): ପୁରୀ ଜିଲ୍ଲା ବଳଙ୍ଗାର ସୁନା ଝିଅ ମେହେକ ନସରିନ, ଚଳିତ ବର୍ଷ ଅକ୍ଟୋବର ୧୬ ତାରିଖରୁ ୧୮ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଜୟପୁର ଠାରେ ଅନୁଷ୍ଠିତ ହୋଇଥିବା ସର୍ବ ଭାରତୀୟ ଷଷ୍ଠ ଓପନ ଅଥଲେଟିକ ୨୩ ବର୍ଷରୁ କମ ବର୍ଗର ଚାମ୍ପିୟନସିପ ମହିଳା ହାଇଜମ୍ପ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ତାଙ୍କୁ ପୁଷ୍ପ ଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ ମହାନଗର ନିଗମ ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, କ୍ରୀଡା ସଂସଦର ପ୍ରାକ୍ତନ ଉପ ସଭାପତି ରାମଚନ୍ଦ୍ର ଦାସମହାପାତ୍ର, ପ୍ରାକ୍ତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଓ ମେହକଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ସାଧୁତାର ଶପଥ ପାଠ

ସ୍ୱଚ୍ଛ, ସଚ୍ଚୋଟ ଓ ଦୁର୍ନୀତିମୁକ୍ତ ପ୍ରଶାସନ ଜିଲ୍ଲା ପ୍ରଶାସନର ପ୍ରାଥମିକତା



ବାରିପଦା,୨୭/୧୦ (ନି.ପ୍ର): ଦୁର୍ନୀତିମୁକ୍ତ ପ୍ରଶାସନ, ସ୍ୱଚ୍ଛତା ଓ ଜନସାଧାରଣଙ୍କୁ ସଚ୍ଚୋଟ ଏବଂ ଉତ୍ତରଦାୟୀ ସେବା ପ୍ରଦାନର ସଂକଳ୍ପ ସହ ମୟୂରଭଞ୍ଜ ଜିଲ୍ଲାରେ ସୋମବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ଅବସରରେ ବିଭିନ୍ନ ସ୍ଥାନରେ ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କ ସମେତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ବିରୋଧରେ ସଚେତନ ରହିବା, ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଅବଲମ୍ବନ କରିବା ଏବଂ ସ୍ୱଚ୍ଛ ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଶପଥ ଗ୍ରହଣ କରିଛନ୍ତି । ଏହି ଅବସରରେ ଉଦଳା ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜନଶୁଣାଣି କାର୍ଯ୍ୟକ୍ରମ ସମୟରେ ଜିଲ୍ଲାପାଳ ଶ୍ରୀ ସୟ ?ଙ୍କ ଉପସ୍ଥିତିରେ ସାଧୁତାର ଶପଥ ପାଠ କରାଯାଇଥିଲା । ଏଥିରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲ୍ଲୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରା ଏବଂ ଉଦଳା ଉପଜିଲ୍ଲାପାଳ ଶ୍ରୀ ପ୍ରଣୟ ରଞ୍ଜନ ବେହେରାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ । ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ସହିତ ସେମାନଙ୍କୁ ସ୍ୱଚ୍ଛ ଓ ନିରପେକ୍ଷ ସେବା ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିସହିତ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବାହ୍ନ ୧୧ଟାରେ ଅନ୍ୟ ଏକ ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଶପଥ ଗ୍ରହଣ କରିଥିଲେ । ଏହି ଅବସରରେ ସମସ୍ତ କାର୍ଯ୍ୟରେ ସଚ୍ଚୋଟତା ବଜାୟ ରଖିବା, ଲାଞ୍ଚ ନ ନେବା ଓ ନ ଦେବା, ସ୍ୱଚ୍ଛତାର ସହ ନିଜ ଦାୟିତ୍ୱ ନିର୍ବାହ କରିବା ଏବଂ ଜନସାଧାରଣଙ୍କ ହିତକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଶିଶିର କୁମାର ମୁନ୍ଦୁୟାଙ୍କ ନେତୃତ୍ୱରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ସମସ୍ତ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୨୬ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ "**Vigilance: Probity for Prosperity**" (ସାଧୁତାରୁ ସମୃଦ୍ଧି) ବିଷୟବସ୍ତୁକୁ ନେଇ ପାଳନ କରାଯାଉଛି । ଏହି ସପ୍ତାହ ଅବସରରେ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସାଧୁତାର ଶପଥ ପାଠ ସହ ବିଭିନ୍ନ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି । ଦୁର୍ନୀତି ବିରୋଧରେ ସାମୂହିକ ସଚେତନତା ଓ ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ଏକ ସ୍ୱଚ୍ଛ, ଦାୟିତ୍ୱବାନ ଓ ଜନକୈନ୍ଦ୍ରିକ ପ୍ରଶାସନିକ ବ୍ୟବସ୍ଥା ଗଠନ କରିବା ପ୍ରତ୍ୟେକ ସ୍ତରରେ ସ୍ୱଚ୍ଛତା, ନିଷ୍ଠା ଓ ଦୁର୍ନୀତିମୁକ୍ତ ସେବା ପ୍ରଦାନ କରିବାକୁ ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶ ଅନୁଯାୟୀ, ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଏହି ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କ୍ରମରେ ଝାରସୁଗୁଡା ବ୍ଲକ ଅଧିକାରୀଙ୍କ କାର୍ଯ୍ୟାଳୟ ସମେତ ବ୍ରଜରାଜନଗର ପୌରପାଳିକା, ବେଲପାହାଡ଼ ପୌରପାଳିକା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଏବଂ ମେଗାଲିଫ୍ଟ ପ୍ରକଳ୍ପ ଡିଭିଜନ ସମେତ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟ ପରିସରରେ ଅଧିକାରୀ ଓ କର୍ମଚାରୀମାନେ ଏକତ୍ରିତ ହୋଇ ସାଧୁତାର ସଂକଳ୍ପ ନେଇଥିଲେ।

ବାତ୍ୟା ଅର୍ଣ୍ଣବକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦରରେ ଆଶ୍ରୟ ନେଲେ ତିନି ଶହରୁ ଊର୍ଦ୍ଧ ମତ୍ସ୍ୟଜୀବୀ

ପାରାଦୀପ,୨୭/୧୦ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ପୋତାଶ୍ରୟରେ ଆଶ୍ରୟ ନେଇଛନ୍ତି ଆନ୍ଧ୍ର ପ୍ରଦେଶର ତିନି ଶହରୁ ଊର୍ଦ୍ଧ ମତ୍ସ୍ୟଜୀବୀ । ଆନ୍ଧ୍ର ପ୍ରଦେଶରୁ ଗଭୀର ସମୁଦ୍ରକୁ ମାଛ ଧରିବାକୁ ଆସି ଥିବା ୩୦ ଗୋଟି ମାଛଧରା ବ ବ । ଟ ବଙ୍ଗୋପସାଗରକୁ ଆସିଥିଲେ । ବାତ୍ୟା ଅର୍ଣ୍ଣବର ପ୍ରଭାବରେ ସମୁଦ୍ର ଅଶାନ୍ତ ହୋଇ ପଡିବା ସହିତ ସମୁଦ୍ରରେ ଉଚ୍ଚ କୁଆର ସହିତ ସମୁଦ୍ରର ଅନ୍ତସ୍ରୋତରେ ସମୁଦ୍ରରେ ରହିବା କଷ୍ଟ କର ହୋଇ ପଡିଥିଲା । ସୁରକ୍ଷା ଦୃଷ୍ଟିରୁ ଏହି ମାଛଧରା ବୋଟ ଗୁଡିକ ପାରାଦୀପ ବନ୍ଦରର ସହାୟତା ଲୋଡିଥିଲେ । ପାରାଦୀପ ବନ୍ଦର କର୍ତୃପକ୍ଷ ଏହି ମାଛଧରା ବୋଟ ଗୁଡିକୁ ପାରାଦୀପ ବନ୍ଦରରେ ଆଶ୍ରୟ ଦେଇଛନ୍ତି । ଏହି ମାଛଧରା ବୋଟ୍ ଗୁଡିକ ପାରାଦୀପ ବନ୍ଦରର ଇକ୍ୟୁ-୧ ବର୍ଥରେ ସୁରକ୍ଷିତ ଭାବେ ବର୍ଥଂ କରିଛନ୍ତି । ଏହି ବୋଟ ଗୁଡିକରେ ପ୍ରାୟ ୩୦୫ଜଣ ମତ୍ସ୍ୟଜୀବୀ ରହିଥିବା ସୂଚନା ମିଳିଛି । ପାଗରେ ଅନୁକୂଳ ହେଲେ ଏହି ମାଛଧରା ବୋଟ୍ ଗୁଡିକ ଫେରି ଯିବେ ବୋଲି ମତ୍ସଜୀବୀମାନେ କହିଛନ୍ତି । ପ୍ରକାଶଥାଉକି, ବାତ୍ୟା ଅର୍ଣ୍ଣବକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର କର୍ତୃପକ୍ଷ ପାରାଦୀପ ବନ୍ଦରରେ ଥିବା ସମସ୍ତ ପଣ୍ୟବାହୀ ଜାହାଜ ଗୁଡିକୁ ବନ୍ଦର ପୋତାଶ୍ରୟ ବାହାରକୁ ଚାଲିଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ମାଟି ତଳୁ ବାହାରିଲା ମା' ମାଣିକେଶ୍ୱରୀଙ୍କ ପ୍ରତିମା

ଜୟପୁର,୨୭/୧୦ (ନି.ପ୍ର): ଜୟପୁର ସହରରେ ଆଧ୍ୟାତ୍ମିକ ପରିବେଶ। ମାଟି ତଳୁ ମା' ମାଣିକେଶ୍ୱରୀଙ୍କ ପ୍ରତିମା ମିଳିବା ପରେ ନୂଆ ସାହି ଦ୍ୱିତୀୟ ଗଳିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁସାରେ, ମାଟି ତଳେ ମା'ଙ୍କ ପ୍ରତିମା ରହିଥିବା ନେଇ ସ୍ୱପ୍ନାଦେ

ସୁସ୍ଥ ଯକୃତ ପାଇଁ ସତର୍କତା।



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର

ଆଜିର ଜୀବନଶୈଳୀ ଓ ଖାଦ୍ୟ ପେୟରେ ଅନିୟମିତତା ଯୋଗୁଁ ଯକୃତ ସମସ୍ୟା ବଢ଼ିବାରେ ଲାଗିଛି। ବିଶେଷ କରି ମଧୁମେହ ଓ ଉଚ୍ଚ ରକ୍ତଚାପ ଭଳି ସମସ୍ୟା ଯକୃତର କାର୍ଯ୍ୟକ୍ଷମତାକୁ ସବୁଠାରୁ ଅଧିକ ପ୍ରଭାବିତ କରିଥାଏ। ଅନେକଙ୍କ ଠାରେ ବର୍ଷ ତମାମ ପେଟ ସମସ୍ୟା ଲାଗି ରହିଥାଏ। ଯଦି ଆଧୁନିକ ଚିକିତ୍ସା ବିଜ୍ଞାନ ଆପଣାଇ ଆମେ ନିଜର ଦୈନନ୍ଦିନ ଅଭ୍ୟାସରେ ପରିବର୍ତ୍ତନ ଆଣିପାରିବା, ତେବେ ଯକୃତକୁ ସୁରକ୍ଷିତ ରଖିପାରିବା। ସବୁଠାରୁ ବଡ଼ କଥା ହେଉଛି ନିଜ ଭିତରେ ଉତ୍ତମ ସ୍ୱାସ୍ଥ୍ୟରକ୍ଷା, ସୁକ୍ଷମ ଖାଦ୍ୟ ଓ ଏକ ଭଲ ରୁଟିନର ଜୀବନଚର୍ଯ୍ୟାଟି ତିଆରି କରି ଏହାକୁ କାର୍ଯ୍ୟକାରି କରିପାରିବା।

ସବୁଠାରୁ ପ୍ରଥମ କାର୍ଯ୍ୟଟି ହେଉଛି ଜୀବନଶୈଳୀ ଓ ସଚେତନତା। ଚିକିତ୍ସା ବିଜ୍ଞାନ କହୁଛି ସୁସ୍ଥ ଯକୃତ ପାଇଁ ସୁସ୍ଥ ଜୀବନଶୈଳୀ ଜରୁରୀ। ପ୍ରାରମ୍ଭିକ ପର୍ଯ୍ୟାୟରେ ବିପଦ ସମ୍ପର୍କରେ ଜାଣିବା ଓ ସଚେତନ ରହିବା ଦ୍ୱାରା ଯକୃତକୁ ଦୀର୍ଘସ୍ଥାୟୀ କ୍ଷତିରୁ ରକ୍ଷା କରାଯାଇପାରିବ। ନଚେତ ନେଡିଗୁଡ଼ କହୁଣୀକୁ ବୋହିଗଲା ପରି ପରିସ୍ଥିତି ସଙ୍କଟ ଜନକ ହେବା ବେଳକୁ ଜଣେ ପରାମର୍ଶ ବା ଚିକିତ୍ସା ପାଇଁ ବିଶେଷଜ୍ଞଙ୍କ ସହାୟତା ନେଇଥାଏ।

ସେହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମଧୁମେହ ଓ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ। ବର୍ତ୍ତମାନ ସମୟରେ ଅନେକଙ୍କ ଅବ୍ୟବସ୍ଥିତ ଜୀବନ ଶୈଳୀ, ଖାଇବା ପିଇବା, ବିଶ୍ରାମର ସଠିକତାର ଅଭାବ, ମାନସିକ ଚାପ ଓ ନିଶା ଦ୍ରବ୍ୟ ସେବନ ଏହିପରି ସମସ୍ୟା ପାଇଁ ମଧୁମେହ ସମସ୍ୟା ଓ ବ୍ଲଡ୍ ପ୍ରେସର ସମସ୍ୟା ଘାତକ ପରିସ୍ଥିତି ସୃଷ୍ଟି କରୁଛି। ଅଧିକ ରକ୍ତଶର୍କରା ଯକୃତର ସୂକ୍ଷ୍ମ ରକ୍ତନଳୀ ଗୁଡ଼ିକୁ କ୍ଷତିଗ୍ରସ୍ତ କରିଥାଏ ଓ ଉଚ୍ଚ ରକ୍ତଚାପ ଫିଲଟରିଂ ୟୁନିଟ ଉପରେ ଚାପ ପକାଇଥାଏ। କେତେକ କ୍ଷେତ୍ରରେ ଏହା ବ୍ଲକେଜ ପରି ଗୁରୁତର ପରିସ୍ଥିତି ସୃଷ୍ଟି କରିଥାଏ ଓ ଶରୀର ଅଭ୍ୟନ୍ତରର ରକ୍ତବାହୀ ଯୋଗାଯୋଗ ବ୍ୟବସ୍ଥା ବାଧା ପ୍ରାପ୍ତ ହୋଇଥାଏ। ତେଣୁ ଏହାକୁ ନିୟନ୍ତ୍ରଣରେ ରଖିବା ନିହାତି ଆବଶ୍ୟକ। ଅନେକଙ୍କର ଏକ ବଦଅଭ୍ୟାସ ହେଉଛି ଘଣ୍ଟା ଘଣ୍ଟା ଧରି କିଛି କାର୍ଯ୍ୟକ୍ରମର ବାହାନାରେ ପରିସ୍ରାକୁ ଅଟକାଇବା। ଜୀବନ ସଞ୍ଚାଳନ ବ୍ୟବସ୍ଥାରେ ଝାଡ଼ା ପରିସ୍ରା ଏକ ଶାରୀରିକ ପ୍ରକ୍ରିୟାଗତ ବ୍ୟବସ୍ଥାଚକ୍ର। ତେଣୁ ପରିସ୍ରା ଅଟକାଇବା କ୍ଷତିକାରକ। ଦୀର୍ଘ ସମୟ କାମ କରିବା, ଯାତ୍ରା କରିବା କିମ୍ବା ବ୍ୟସ୍ତତା ଯୋଗୁଁ ପରିସ୍ରାକୁ ଅଟକାଇ ରଖିବା ମୂତ୍ରାଶୟ ଉପରେ କୁପ୍ରଭାବ ପକାଏ। ଶରୀରର ପ୍ରାକୃତିକ ବେଗକୁ ରୋକିବା ଦ୍ୱାରା ଅନ୍ତର୍ନିହିତ ଅସନ୍ତୁଳନ ସୃଷ୍ଟି ହୁଏ, ଯାହା ବିପଦଜ୍ଜନକ ମୂତ୍ରନଳୀ ସଂକ୍ରମଣର ଆଶଙ୍କା ବଢ଼ାଇଥାଏ। କେତେକ କ୍ଷେତ୍ରରେ ପରିଣତ ବୟସରେ ଏହି ବ୍ୟବସ୍ଥା ସଙ୍କଟାପନ୍ନ ପରିସ୍ଥିତି ସୃଷ୍ଟି କରିଥାଏ। ସେହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖାଦ୍ୟ ଅନୁଯାୟୀ ଏବଂ ଆପଣଙ୍କର ଦୈନନ୍ଦିନ ଆବଶ୍ୟକତାକୁ ଦେଖି ପାଣି ପିଅନ୍ତୁ, ଅତ୍ୟଧିକ ପାଣି ପିଅନ୍ତୁ ନାହିଁ।

ପରିସ୍ରା ସମସ୍ୟାକୁ ଅଣଦେଖା କରନ୍ତୁ ନାହିଁ। ପରିସ୍ରା ସମୟରେ ଜଳାପୋଡ଼ା କିମ୍ବା ବାରମ୍ବାର ପରିସ୍ରା ଲାଗିବା ଭଳି ଲକ୍ଷଣ ବଡ଼ ବିପଦର କାରଣ ହୋଇପାରେ। କୌଣସି ସଂକ୍ରମିତ ସ୍ଥାନରେ ବା ବିକିରଣ ହେଉଥିବା ଅଞ୍ଚଳରେ ପରିସ୍ରା କରନ୍ତୁ ନାହିଁ। ଏହାଦ୍ୱାରା ଆପଣଙ୍କର ସଂକ୍ରମଣ ସମସ୍ୟା ହୋଇପାରେ। ପର୍ଯ୍ୟାପ୍ତ ପାଣି ପିଅନ୍ତୁ। ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ଯକୃତରେ ପଥୁରୀ ହେବାର ଆଶଙ୍କା କମିଥାଏ। ତେବେ ପାଣିର ପରିମାଣ ଶରୀରର ପରିସ୍ଥିତି ଉପରେ ନିର୍ଭର କରେ। ଏକାଥରକେ ଅତ୍ୟଧିକ ପାଣି ନ ପିଇ ବରଂ ନିର୍ଦ୍ଦିଷ୍ଟ ଅନ୍ତରରେ ପାଣି ପିଅନ୍ତୁ। ଉଷୁମ ପାଣି ଶରୀର ପାଇଁ ଖୁବ ଭଲ।

ସେହିପରି ଶେଷରେ ନୁହେଁ ବରଂ ଗୁରୁତ୍ୱପୂର୍ଣ୍ଣ ଭାବରେ କୁହାଯିବ ଯେ ଖାଦ୍ୟପେୟରେ ସଂଯମ ରଖନ୍ତୁ। ଯକୃତ ସମସ୍ୟା ଥିଲେ ପୋଟାସିୟମ, ଫସଫରସ, ସୋଡିୟମ ଓ ପ୍ରୋଟିନ ମାତ୍ରା ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼େ। ଡାକ୍ତରଙ୍କ ପରାମର୍ଶରେ କାକୁଡ଼ି, ଟମାଟୋ, ଦହି, ଭାତ କିମ୍ବା କିଛି ନିର୍ଦ୍ଦିଷ୍ଟ ଡାଲିର ପରିମାଣ ନିୟନ୍ତ୍ରଣ କରିବାକୁ ପଡ଼ିପାରେ। ସୁକ୍ଷମ ଖାଦ୍ୟ ଓ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ। ସମସ୍ତ ପ୍ରକାର ନିଶାଦ୍ରବ୍ୟ ସେବନ ଠାରୁ ଦୂରେଇ ରୁହନ୍ତୁ। ଯୋଗ ପ୍ରାଣାୟାମ ଖୁବ ଭଲ ଅଭ୍ୟାସ। ଆଧାତ୍ମିକ ଭାବନାର ଏକ ସକରାତ୍ମକ ଜୀବନ ଚିନ୍ତନକୁ ନିଜ ଭିତରେ ଅନୁଭବ କରି ଆଗେଇ ଚାଲନ୍ତୁ। ଦେଖିବେ ଆପଣଙ୍କ ଯକୃତ ଆପଣଙ୍କ ପାଇଁ ଚିନ୍ତାର କାରଣ ହେବନାହିଁ। ଆପଣ ଏକ ଉତ୍ତମ ଜୀବନ ଜୀଇଁପାରିବେ ଏବଂ ଅନ୍ୟମାନଙ୍କୁ ବଞ୍ଚିବାର ଆନନ୍ଦପୂର୍ଣ୍ଣ ଜୀବନର ପଥ ପ୍ରଦର୍ଶକ ହୋଇପାରିବେ।

+ ପ୍ରତିରଡ଼ିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

କାହିଁସେ କାର୍ତ୍ତିକ ହବିଷ୍ୟଭବ୍ୟ ଭୋଜନ



ଅଜୟ କୁମାର ବେହେରା



ଭୁକ୍ତ ଭୋଗୀ ଏହି ବିଷୟ ଭାବି ପାରିବେ, ବୁଝିପାରିବେ, ବୁଝିପାରିବେ ନ ହେଲେ ଅନ୍ୟମାନେ କାହାଣୀ ପରି ମନେକରିବେ। କାର୍ତ୍ତିକ ମାସ ସର୍ବତ୍ର ଏକ ନିଆରା ପାଳନୀୟ ମାସ, ଆମ ଅଭଙ୍ଗ, କଟକ ଜିଲ୍ଲାରେ ଆହୁରି ନିଆରା, ମହାପ୍ରଭୁ ଧବଳେଶ୍ୱରଙ୍କ ବିଶେଷ ପାଳନୀୟ ପର୍ବ ବଡ଼ଓଷା। ଯେତେ ଯେତେ ଜନପଦ ମୌଜା ଭାରତରେ ଅଛି ସର୍ବତ୍ର ଲୀଲାମୟ ଲୀଳାମୟୀ ହରି ଗୌରୀଙ୍କ ଉପାସନା କ୍ଷେତ୍ରରେ ରହିଛି। ଏ ମଧ୍ୟରେ ପ୍ରାଚୀନ କାଳରୁ ଆମ ରାଜ୍ୟ ଓଡ଼ିଶାରେ ପ୍ରତିଗ୍ରାମରେ ଶିବ ମନ୍ଦିର ଆଉ ଗ୍ରାମର ଉପସ୍ୟା ଗ୍ରାମଦେବୀ ରୂପେ ପାର୍ବତୀ ମାଆଙ୍କ ଭିନ୍ନ ଭିନ୍ନ ନାମରେ ମାନ୍ୟତା ପୀଠ ରହିଛି। ପର୍ବତର ପଥରେ ସେ ଗ୍ରାମଦେବୀଙ୍କ ପ୍ରତିମୂର୍ତ୍ତି ପଥୁରିଆ ବିଶ୍ୱକର୍ମାଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇ ଜ୍ଞାନୀ ପୁରୋହିତଙ୍କ ଦ୍ୱାରା ପ୍ରାଣ ପ୍ରତିଷ୍ଠା ହୋଇ ଜନପଦ ଗ୍ରାମ ଜନତାଙ୍କ ଦ୍ୱାରା ପୂଜା ପିଢ଼ି ପିଢ଼ି ଧରି ହୋଇ ଆସୁଛନ୍ତି। ପର୍ବତର ସନ୍ତତି ଅର୍ଥ ପଥର ଖଣ୍ଡ ପର୍ବତର ଅଂଶରୁ ସମ୍ଭୁତା। ଏହି ହର ଗୌରୀ ପ୍ରତି ଗ୍ରାମରେ ଲୋକଙ୍କ ବିଶ୍ୱାସ ଓ ଶ୍ରଦ୍ଧାର ପ୍ରତୀକ।

ସମସ୍ତେ ବୃଦ୍ଧ ବୃଦ୍ଧା ହୁଅନ୍ତି ଜୀବନ ଅବସାନ ହୁଏ ନାରୀମାନେ ବିଧବା ହୁଅନ୍ତି କିନ୍ତୁ ସଦା ହରପାର୍ବତୀ ଏକ ଅବସ୍ଥାରେ ଚୀର ଯୌବନ ଭୋଗରେ ଆଉ ପାର୍ବତୀ ସର୍ବକାଳ ସଧବା, ଏ ପାଇଁ ପ୍ରତି ଗୃହର ବିବାହ କାର୍ଯ୍ୟରେ ତାଙ୍କର ମଙ୍ଗୁଳା ଅଗ୍ର କାର୍ଯ୍ୟ। ନାରୀଙ୍କ ସିନ୍ଥି ସିନ୍ଦୁରରେ ମାଆଙ୍କ ସିନ୍ଦୁର ଅନେକବାର ଯୋଗ ରହୁଛି। ଆଶ୍ୱିନରେ ଦେବୀମାନଙ୍କ ପୂଜା ପରେ ପରେ ସେବା ସେନାପତି କାର୍ତ୍ତିକଙ୍କ ଜନ୍ମ ପାଇଁ ଦେବ ପ୍ରୟାସ ଏ ପାଇଁ ହରପାର୍ବତୀ ମିଳନ ଆବଶ୍ୟକ, ମହାଯୋଗୀ ଯୋଗନିଦ୍ରା ତପ୍ୟସା ରତ ତାଙ୍କ ନିଦ୍ରାଭଙ୍ଗ ଦିନ ବା ଧାର୍ଯ୍ୟ କାର୍ତ୍ତିକ ଶୁକ୍ଳ ୧୪ଶୀ ଏହି ଦିନ ବଡ଼ ଓଷା ତାର ପରଦିନ କାର୍ତ୍ତିକଙ୍କ ଉପାସନା ଆରାଧନା, କାର୍ତ୍ତିକ ପଞ୍ଚବଦନଙ୍କ କୁମାର ହୋଇ ଷଡ଼ବଦନ, ଷଟମୁଖ, ଷୁମ୍ଫୁଖ ପଞ୍ଚଭୂତନାଥଙ୍କ ଷଡ଼ରିପୁ ଦ୍ରାବକଦେବତା। ଆସିବା ଚାରି ଦିବସ ଆଗରୁ ପଞ୍ଚକ ଆରମ୍ଭ ଜନ୍ମ ଦିନ ଏହା ଇତି। ଏ ପଞ୍ଚକ ନାମ ଭୀଷ୍ମ ପଞ୍ଚକ ଭୀଷଣ ପ୍ରତିଜ୍ଞାର ପଞ୍ଚକ ପିତାଙ୍କୁ ଖୁସି ରଖିବାକୁ ନିଜ ଯୌବନକୁ ବାଜି ରଖିବା ସଂକଳ୍ପ ସତ୍ୟ ପାଠ। ପୁଣି ବକ ପଞ୍ଚକ, ବକମାନେ ମାଛ ଭୋଜନ ବିନା ଜୀବନ ଧାରଣ ଅସମ୍ଭବ ପୁଣି କାର୍ତ୍ତିକରେ ଧାନ ଚାଷ କ୍ଷେତ୍ରରୁ ଜଳ ନିଗିଡ଼ା ଚୂନା ମାଛ ହାଉଯାଉ ହେଲେ ବକ ସଂକଳ୍ପ ସେ ମାଛ ଧରିବେ ନାହିଁକି ଖାଇବ ନାହିଁ। ପଣ୍ଡିତ ଜନ କଣ ଚିନ୍ତା କରି ଏହାକୁ ଶାସ୍ତ୍ର ଲିଖନ କଲେ ଧର୍ମବିଧି, ରାଜବିଧି ଉଲଂଘନ ଲୋକ କରିବା ପର୍ଯ୍ୟାୟରେ ଲୋଭାସକ୍ତ ଭାବନା ମାଛମାନେ ମୂଳସ୍ରୋତକୁ ଫେରିଲା ବେଳକୁ ତାଙ୍କ ବଂଶ ବୁଡ଼ାଇଲେ ଆଗାମୀକାଳ ହେବ କଣ ? ଶେଷର ନିଜ ବଂଶ ନଖାଇ ମରିବା ସାର ହେବ। ଉଚ୍ଚରୁ ଜଳ ଗଡ଼ିଗଡ଼ି ନାଳୀ ସଫେଇ ହୋଇ ଶେଷରେ ନଦୀକୁ ଯାଏ ନଦୀ ଜଳ ଶୁଖିଲା ପଡ଼ିଲେ ବି ଅନେକ ଗଭୀର ଗଣ୍ଡରେ ଜଳ ରହି ମାଛ ବଂଶ ବୃଦ୍ଧି ହୋଇ ଚାଲେ, ପରେ ବର୍ଷା ଦିନେ ନଦୀ ବନ୍ୟାରେ ପୁଣି ଜଳ କେନାଲ ଦେଇ ଧାନ କ୍ଷେତ୍ରକୁ ଆସୁଛି ଏଥିରେ ଚୁନାମାଛ ପୁଣି ଉପଲବ୍ଧ। କାର୍ତ୍ତିକ ମାସ ସୋମବାର ଗୁଡ଼ିକ ବଡ଼ଓଷା ଓଷେଇତିଙ୍କ ନିଷ୍ଠା କାଷ୍ଠା ପାଳନୀୟ ନକ୍ତ।

ନକ୍ତ ଅର୍ଥ ବେଳାଏ ସୂର୍ଯ୍ୟ ଅସ୍ତ ପୂର୍ବରୁ ଭୋଜନ। ଏ ଭୋଜନ ଭିନ୍ନ ଭୋଜନ ଷୋଳ ପ୍ରକାର ଭୋଜନରୁ ଏକ ହେଲେ ବି ଏହି ଦିବ୍ୟ ଭୋଜନ, ପ୍ରଥମ ଦିବ୍ୟ ଭୋଜନ ମହାପ୍ରସାଦ ଯାହା କେବଳ ଶ୍ରୀକ୍ଷେତ୍ରର ମହାପ୍ରଭୁଙ୍କ ମଣୋହୀ ପରେ ଆନନ୍ଦ ବଜାରରେ ଭକ୍ତଙ୍କ ରଙ୍କଧନ। ଆଉ ସବୁ ଦେବତାଙ୍କୁ ଅର୍ପିତ ନୈବେଦ୍ୟ ଅନ୍ନ ପ୍ରସାଦ ଭୋଗ। ହେଲେ କାର୍ତ୍ତିକ ମାସର ହବିଷ୍ୟାଳି ନକ୍ତ ସତେ ଅନ୍ନପୂର୍ଣ୍ଣାଙ୍କ ବିଶ୍ୱନାଥଙ୍କୁ ନିବେଦିତ ଦିବ୍ୟ ଅନ୍ନ, ଯିଏ ପାଇଥିବେ ଭାବୁଥିବ ଘରେ ମାଆ, ଭାଉଜ, ଭଉଣୀ, ସ୍ତୀ ସ୍ତୀଙ୍କ ସେହି ଧବଳେଶ୍ୱରଙ୍କ ନିବେଦିତ ଅନ୍ନ। ଅରୁଆ ଭାତକୁ, ମୁଗ, ବନ୍ତଳକଦଳୀ, କଖାରୁ, ସାରୁ, ଓଉସହ ଅଦାଛେଚା ଆଦିର ଘାଣ୍ଟ ଡାଲମା, ଯାହା ଗୁଆ ଘିଅରେ ଛୁଙ୍କ, କଦଳୀ ପାତ୍ରରେ ସନ୍ଧ୍ୟା ଆଗରୁ ତଳେ ଆସନରେ ବସି ଭୋଜନ ସ୍ମୃତି ନିଷ୍ଠେ ଅବିସ୍ମରଣୀୟ। ବକ ଶବ୍ଦର ଅନ୍ୟ ଅର୍ଥ ଅଗସ୍ତ, କାର୍ତ୍ତିକମାସରେ ଅଗସ୍ତୀ ଶାଗ ଫୁଲ ବିଶେଷ ଉପଲବ୍ଧ, ଆମର ଅଗସ୍ତ୍ୟ ତାରା ସୌର ସିଂହମାସ ଭାଦ୍ରବ ଦିନ ୨୦-୩୨ରେ ଉଦୟ ହେବା ଖଗୋଳ ଜ୍ୟୋତିଷୀମାନେ ଗଣନାରେ କହନ୍ତି ସେହିଠାରୁ ଅଗସ୍ତୀ ଗଛ ପଲ୍ଲବୀତ ହୋଇ ଫୁଲ ହୋଇ ପ୍ରକାଶ କାର୍ତ୍ତିକ ମାସରେ ଏହାର ପତ୍ର ପୁଷ୍ପ ଶ୍ୱାସ ରୋଗର ମହୌଷଧି। ଏହାର ଶୁଷ୍କ ଗୁଣ୍ଡା ଚା କରି ଖାଇଲେ ଶ୍ୱାସ ଦମା ପ୍ରଶମିତ ହୁଏ। ଅଗସ୍ତ୍ୟ ଶାଗ ଖାଇବା ଲୋକ ଦେହରେ ଏକ ରୋଗ ପ୍ରତିରୋଧକ ଶକ୍ତି ବଢ଼େ, ଏମାସରେ ମାଛଙ୍କୁ କ୍ଷତ ଆକ୍ରାନ୍ତ କରିଥାଏ। ଯେଉଁମାନେ ଏ ମାସରେ ମାଛ ଖାଆନ୍ତି ସେମାନଙ୍କୁ ବସନ୍ତ ଋତୁ ଚୈତ୍ର ମାସରେ ବସନ୍ତ, ହାଡଫୁଟି, ମିଳିମିଳାର ଆକ୍ରାନ୍ତ ଭୟ ଆସେ ଯଦି ରୋଗ ପ୍ରତିରୋଧ ଶକ୍ତି କମିଥିବ। ସ୍ୱାସ୍ଥ୍ୟଚର୍ଯ୍ୟା ଧର୍ମ ଭାବନା, ଯୌବନକୁ ଦୀର୍ଘସ୍ଥାୟୀ, ପରିବେଶ ସୁନ୍ଦର, ସୁରକ୍ଷା ପାଇଁ ଏପରି ବହୁମୁଖୀ ପରିକଳ୍ପନା ପୂର୍ବଜ ମାନଙ୍କର ପାଳନୀୟ ଥିଲା। ଆଧୁନିକ କାଳରେ ଏହା ହେୟ ଜ୍ଞାନ।

+ ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ,
ମୋ : ୯୪୩୭୧୦୩୧୨୫୩

ଶାସନ ପରିବର୍ତ୍ତନର ଦାବି ନୂଆ ନୁହେଁ



ଗୋପାଳ ମହାପାତ୍ର

ଯେଉଁମାନେ ଏବେ ଦିଲ୍ଲୀରେ ଚାଲିଥିବା ପ୍ରଦର୍ଶନ ଓ ପ୍ରଦର୍ଶନକାରୀଙ୍କ "ଶାସନ ପରବର୍ତ୍ତନ" ର ଦାବି କୁ ନେଇ ସେମାନେଙ୍କର ଆଲୋଚନା ସମାଲୋଚନା କରୁଛନ୍ତି।
ସେଇ ଆଲୋଚକ ମାନେ ୧୯୭୦ ଦଶକର ମଧଭାଗରେ ହୋଇଥିବା "ଜେପି ଆନ୍ଦୋଳନ"ର ଇତିହାସ ଉପରେ ନଜର ପକାଇବା ଆବଶ୍ୟକ। ଜେପି ଆନ୍ଦୋଳନ ବା ଜୟପ୍ରକାଶ ନାରାୟଣଙ୍କ ଆନ୍ଦୋଳନର ମୁଖ୍ୟ ସ୍ଲୋଗାନ ଥିଲା "ସିଂହାସନ ଖାଲି କର ଜନତା ଆସୁଛନ୍ତି"। ଅସଲରେ ଜରୁରୀ କାଳୀନ ପରିସ୍ଥିତି ଲାଗୁ ହେବାର ଠିକ୍ ପୁର୍ବରୁ ଦିଲ୍ଲୀର ରାମଲୀଳା ମୈଦାନରେ ଜୟପ୍ରକାଶ ନାରାୟଣଙ୍କ ଶେଷ ଜନସଭା ରେ ଏହି ସ୍ଲୋଗାନ ଦିଆଯାଇଥିଲା। ଏହା ସ୍ପଷ୍ଟଭାବେ ଶାସନ ପରିବର୍ତ୍ତନର ଦାବିଥିଲା।ଏହି ଜନସଭା (ରାଲି)ରେ ଜୟପ୍ରକାଶ ନାରାୟଣ ଲୋକଙ୍କୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସରକାରୀ ବାସଭବନ ଘେରଉ କରିବା ପାଇଁ କହିଥିଲେ ଏବଂ ପୋଲିସ ଓ ସୁରକ୍ଷା ବଳକୁ ସରକାରଙ୍କ ଅଣସାମ୍ବିଧାନିକ ଆଦେଶକୁ ନମାନିବା ପାଇଁ ଅନୁରୋଧ କରିଥିଲେ। ଜୟପ୍ରକାଶଙ୍କ ଏହି ଜନସଭାରେ ଲକ୍ଷାଧିକ ଲୋକ ଉପସ୍ଥିତ ଥିଲେ। ଏହି ଜନ ସଭା ଓ ଜନ ସମର୍ଥନକୁ ଦେଖି ଆଶଙ୍କାଗ୍ରସ୍ତ ହୋଇପଡ଼ିଥିଲେ ଇନ୍ଧିରା ଗାନ୍ଧୀ ଓ ଜରୁରୀକାଳୀନ ପରିସ୍ଥିତି ଜାରି କରାଯାଇଥିଲା। ଏହି ସମୟରେ ବିରୋଧି ଦଳର ଅନେକ ନେତାଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଜୟପ୍ରକାଶଙ୍କ ଏହି ଆନ୍ଦୋଳନରେ ସମାଜବାଦୀ ମାନଙ୍କ ସହ ବିଜେପିର ପୁରୁଣା ରପ ଜନସଂଘ ଏବଂ ଆରଏସ୍ଏସ୍ ମଧ୍ୟ ଭାଗ ନେଇଥିଲା। ଜୟପ୍ରକାଶଙ୍କ ରାମଲୀଳା ମଇଦାନର ଜନସଭାରେ ତାଙ୍କ ସମର୍ଥକ ବରିଷ୍ଠ ନେତା ମାନେ ଉପସ୍ଥିତ ଥିଲେ। ୧୯୭୩ର ଶେଷଭାଗରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଜୋର ଧରିଥିଲା ଓ ଅନେକ ହିଁସାକାଣ୍ଡ ମଧ୍ୟ ଘଟିଥିଲା। ଅନେକ ଗାଡ଼ି ମଟରରେ ନିଆଁ ଲଗାଇ ଦିଆଯାଇଥିଲା। ପୋଲିସ ସାଧାରଣ ଜନତାଙ୍କ ମଧ୍ୟରେ ସଂଘର୍ଷ ମଧ୍ୟ ହୋଇଥିଲା। ବିରୋଧ ପ୍ରଦର୍ଶନର ବ୍ୟାକରଣ ବା ପ୍ରକ୍ରିୟା ଏପରି ଥିଲା। ପୁର୍ବରୁ ବିରୋଧ ପ୍ରଦର୍ଶନ ଏଭଳି ହେଉଥିଲା ଓ ଏବେ ହେଉଛି ଏବଂ ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥା ଥିବା ପର୍ଯ୍ୟନ୍ତ ଏଭଳି ମଧ୍ୟ ହେବ।

ସେତେବେଳେ ବର୍ତ୍ତମାନର ବିଜେପି (ଜନସଂଘ)କଂଗ୍ରେସ ଶାସନ ବିରୁଦ୍ଧରେ ଲଢୁଥିଲା। ଶାସନ ପରିବର୍ତ୍ତନ ପାଇଁ ଏବେ କିଛିଦିନ ତଳେ ଅଧିବକ୍ତା ତଥା ରାଜ୍ୟସଭା ସାଂସଦ କପିଳ ସିବଲ, ନେହାବୋରା, ଅଭିଜିତ ଦୀପକେ ପ୍ରମୁଖଙ୍କ ଦ୍ୱାରା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଧିବକ୍ତା ପ୍ରଶାନ୍ତ ଭୁଷଣ "ଶାସନ ପରିବର୍ତ୍ତନ"ର କଥା କହିଥିଲେ। ପ୍ରଶାନ୍ତ ଭୂଷଣ ଜୟପ୍ରକାଶ ନାରାୟଣଙ୍କ ଆନ୍ଦୋଳନର ପୃଷ୍ଠଭୂମୀ ସହ ଜଡ଼ିତ। ପ୍ରଶାନ୍ତ ଭୁଷଣଙ୍କ ପିତା ଶାନ୍ତି ଭୁଷଣ ଜଣେ ନାମଜାଦା ଓକିଲ ଥିଲେ ଓ ଜୟପ୍ରକାଶ ଆନ୍ଦୋଳନର ପ୍ରମୁଖ ଚେହେରା ଥିଲେ। ଶାନ୍ତି ଭୁଷଣ ଏବଂ ପ୍ରଶାନ୍ତ ଭୁଷଣଙ୍କ ମଧ୍ୟରେ ପାର୍ଥକ୍ୟ ହେଉଛି ଯେ ଶାନ୍ତି ଭୁଷଣ କଂଗ୍ରେସ ବିରୁଦ୍ଧରେ ବିଜେପି/ ଜନସଂଘ ସହସାମିଲ ହୋଇଥିଲେ କିନ୍ତୁ ଏବେ ପ୍ରଶାନ୍ତ ଭୁଷଣ ବିଜେପି ବିରୁଦ୍ଧରେ କଂଗ୍ରେସ ସହ ସାମିଲ ଅଛନ୍ତି। ଆଜି ବିରୋଧି ଦଳର ନେତା ମାନେ ସେହି କଥା ହିଁ କରୁଛନ୍ତି ସେତେବେଳେ ବିଜେପି ବା ପୂର୍ବର ଜନସଂଘ ବିରୋଧିଭାବେ ଯାହା କରୁଥିଲା। ବର୍ତ୍ତମାନର ଆନ୍ଦୋଳନ ସେଇ ଜୟପ୍ରକାଶଙ୍କ ଆନ୍ଦୋଳନ ସହ ଏକପ୍ରକାର ସମାନ ବୋଲି କୁହାଯାଇପାରେ। ସେତେବେଳେ ଯୁବ ବର୍ଗଙ୍କ ସାମନାରେ ପ୍ରଶ୍ନ ଥିଲା ଯେ ସ୍ୱାଧିନତା ପରେ ଗଣତନ୍ତ୍ରର ପ୍ରକୃତ ଅର୍ଥ କ'ଣ? ଏବେ ଗଣତନ୍ତ୍ରର ହତ୍ୟା କରାଯାଉଛି ବୋଲି ଅଭିଯୋଗ ହେଉଛି। କ'ଣ ଗଣତନ୍ତ୍ର କେବଳ ନିର୍ବାଚନ ଜିତିବା ଏବଂ ସରକାର ଗଠନ କରିବା ନା ଏଭଳି ବ୍ୟବସ୍ଥା ଗଣତନ୍ତ୍ରରେ ରହିଛି ଯେଉଁଥିପାଇଁ ଭ୍ରଷ୍ଟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିହେବ, ଶାସକଙ୍କୁ ପ୍ରଶ୍ନ ପଚାରି ହେବ ଏବଂ ସାଧାରଣ ଲୋକଙ୍କୁ ସେମାନଙ୍କ ଭବିଷ୍ୟତର ନିଷ୍ପତ୍ତି ନେବାରେ ଭାଗିଦାର କରିହେବ ?

ଗଣତନ୍ତ୍ରରେ ନିର୍ବାଚନ ଜରୁରୀ କିନ୍ତୁ ଗଣତନ୍ତ୍ରର ସଂପୂର୍ଣ୍ଣ ଅର୍ଥ ନିର୍ବାଚନ ନୁହେଁ। ଗଣମାଧମର ସ୍ୱାଧିନତା, ସଂସ୍ଥା ମାନଙ୍କର ସ୍ୱାୟତ୍ତତା, ନାଗରିକଙ୍କ ଅଧିକାର, ଅସହମତିକୁ ସମ୍ମାନ, ଶାସକଙ୍କ ଉତ୍ତରଦାୟୀତ୍ୱ ଏବଂ ଜନତାଙ୍କ ସକ୍ରିୟ ଭାଗିଦାରୀ ହେଉଛି ଗଣତନ୍ତ୍ରର ଆତ୍ମା। ଗଣତନ୍ତ୍ରର ଅସଲ ପରୀକ୍ଷା ସେତେବେଳେ ହୋଇଥାଏ ଯେତେବେଳେ ଶାସକଙ୍କ କଥାରେ ବିରୋଧି ସହମତ ହୋଇନଥାନ୍ତି। ଶାସକଙ୍କ ସପକ୍ଷରେ କହିବା ସହଜ କିନ୍ତୁ ଶାସକଙ୍କୁ ପ୍ରଶ୍ନ ପଚାରିବାର ଅଧିକାରକୁ ବଜାୟ ରଖିବା ଗଣତନ୍ତ୍ରର କଠିନ ଦାୟିତ୍ୱ। ସେତେବେଳେ ଜୟପ୍ରକାଶ ବ୍

ପାଶ୍ଚାତ୍ୟ ମଡେଲ୍ ବନାମ ଭାରତୀୟ ବାସ୍ତବତା

ସାମ୍ପ୍ରତିକ ସମୟରେ ଭାରତୀୟ ଅର୍ଥବ୍ୟବସ୍ଥା ଏବଂ ସାଧାରଣ ଜନତାଙ୍କ ପାଇଁ ସବୁଠାରୁ ବଡ଼ ଚିନ୍ତାର କାରଣ ପାଲଟିଛି କ୍ରମାଗତ ଭାବରେ ବୃଦ୍ଧି ପାଉଥିବା ଖାଦ୍ୟଦ୍ରବ୍ୟର ଦରଦାମ୍ । ୨୦୨୬ ମସିହା ସେପ୍ଟେମ୍ବର ମାସର ତଥ୍ୟ ଅନୁଯାୟୀ, ଭାରତରେ ଖୁଚୁରା ମୁଦ୍ରାସ୍ଫୀତି ବା କଞ୍ଜ୍ୟୁମର ପ୍ରାଇସ୍ ଇଣ୍ଡେକ୍ସ (ସିପିଆଇ) ୫.୫୪ ପ୍ରତିଶତରେ ପହଞ୍ଚିଥିବା ବେଳେ ଖାଦ୍ୟ ମୁଦ୍ରାସ୍ଫୀତି ୭.୭୪ ପ୍ରତିଶତକୁ ବୃଦ୍ଧି ପାଇଛି । ପିଆଜ, ରସୁଣ, ଅଦା ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦର ସାଧାରଣ ଖାଉଟିଙ୍କ ବଜେଟକୁ ସମ୍ପୂର୍ଣ୍ଣ ରୂପେ ଦୋହଲାଇ ଦେଇଛି। କେବଳ ଚଳିତ ବର୍ଷ ନୁହେଁ, ଗତ କିଛି ବର୍ଷ ଧରି ଖାଦ୍ୟ ମୁଦ୍ରାସ୍ଫୀତିର ଏହି ଊର୍ଦ୍ଧ୍ୱଗାମୀ ଧାରା ଅବ୍ୟାହତ ରହିଛି ଏବଂ ଏହାର ହାର କ୍ରମାଗତ ଭାବରେ ବଢ଼ିବାରେ ଲାଗିଛି । ଏଭଳି ପରିସ୍ଥିତିରେ ଏକ ବଡ଼ ପ୍ରଶ୍ନ ଉଠୁଛି ଯେ, ବିଶ୍ୱର ଅନ୍ୟତମ ବୃହତ୍ ଅର୍ଥନୀତି ଭାବରେ ନିଜକୁ ପ୍ରତିଷ୍ଠିତ କରୁଥିବା ଭାରତ, ଖାଦ୍ୟଦ୍ରବ୍ୟର ଦରଦାମ୍ ନିୟନ୍ତ୍ରଣ କରିବାରେ ଏତେ ଅସହାୟ କାହିଁକି ମନେହେଉଛି । ଏହି ଅସହାୟତାର ମୂଳ କାରଣ କେବଳ ପାଣିପାଗ କିମ୍ବା ଉତ୍ପାଦନର ଅଭାବ ନୁହେଁ, ବରଂ ସରକାର ଏବଂ ନୀତି ନିର୍ଦ୍ଧାରକମାନଙ୍କର ତ୍ରୁଟିପୂର୍ଣ୍ଣ ଅର୍ଥନୈତିକ ଦୃଷ୍ଟିକୋଣ ମଧ୍ୟ ଏଥିପାଇଁ ବହୁଳ ଭାବରେ ଦାୟୀ ।

ଖାଦ୍ୟ ମୁଦ୍ରାସ୍ଫୀତିର ପ୍ରଭାବ ଭାରତ ପରି ଏକ ବିକାଶଶୀଳ ଦେଶ ପାଇଁ ଅତ୍ୟନ୍ତ ଭୟାବହ ଅଟେ । ବିକଶିତ ଦେଶଗୁଡ଼ିକ ତୁଳନାରେ ଭାରତୀୟ ପରିବାରଗୁଡ଼ିକ ସେମାନଙ୍କ ଆୟର ଏକ ବଡ଼ ଅଂଶ ଖାଦ୍ୟ ବାବଦରେ ଖର୍ଚ୍ଚ କରିଥାନ୍ତି । ପରିସଂଖ୍ୟାନ ଅନୁଯାୟୀ, ଭାରତରେ ଉପଭୋକ୍ତା ଖର୍ଚ୍ଚର ପ୍ରାୟ ୪୫ ପ୍ରତିଶତ କେବଳ ଖାଦ୍ୟ ଏବଂ ପାନୀୟ ଉପରେ ବ୍ୟୟ ହୋଇଥାଏ । ଏହା ଚୀନ୍‌ରେ ୨୧ ପ୍ରତିଶତ ଏବଂ ଆମେରିକାରେ ମାତ୍ର ୭ ପ୍ରତିଶତ ରହିଛି । ତେଣୁ ଖାଦ୍ୟଦ୍ରବ୍ୟର ଦର ସାମାନ୍ୟ ବୃଦ୍ଧି ପାଇଲେ ମଧ୍ୟ ଭାରତୀୟଙ୍କ ଜୀବନଧାରଣ ମାନ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଥାଏ । ନିମ୍ନ ଏବଂ ମଧ୍ୟମ ଆୟକାରୀ ପରିବାରଗୁଡ଼ିକ ପାଇଁ ଏହା ଏକ ପ୍ରକାର ଅର୍ଥନୈତିକ ସଙ୍କଟ ସୃଷ୍ଟି କରେ, ଯାହା ଫଳରେ ସେମାନେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଖର୍ଚ୍ଚ କାଟ୍ କରିବାକୁ ବାଧ୍ୟ ହୁଅନ୍ତି । ଏତେ ବଡ଼ ସମସ୍ୟା ହୋଇଥିବା ସତ୍ତ୍ୱେ, ଆମ ଦେଶର ଅର୍ଥନୈତିକ ନୀତିରେ ଖାଦ୍ୟ ମୁଦ୍ରାସ୍ଫୀତିକୁ ରୋକିବା ପାଇଁ କୌଣସି ଦୃଢ଼ ଏବଂ ସ୍ଥାୟୀ ପ୍ରତିରକ୍ଷା ବ୍ୟବସ୍ଥା ନାହିଁ, ଯାହାକି ଅତ୍ୟନ୍ତ ନିରାଶାଜନକ ବିଷୟ ଅଟେ ।

ସରକାରୀ ସ୍ତରରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବାର ମୁଖ୍ୟ ଦାୟିତ୍ୱ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଉପରେ ନ୍ୟସ୍ତ କରାଯାଇଛି । ୨୦୧୬ ମସିହାରେ କେନ୍ଦ୍ର ସରକାର ଆରବିଆଇ ଆଇନରେ ସଂଶୋଧନ କରି 'ଇନଫ୍ଲେସନ୍ ଟାର୍ଗେଟିଂ' ବା ମୁଦ୍ରାସ୍ଫୀତି ଲକ୍ଷ୍ୟଧାର୍ଯ୍ୟ ବ୍ୟବସ୍ଥାକୁ ଆପଣାଇଥିଲେ । ଏହି ବ୍ୟବସ୍ଥା ଅନୁଯାୟୀ, ଆରବିଆଇ ରେପୋ ରେଟ୍ ବା ସୁଧ ହାର ମାଧ୍ୟମରେ ବଜାରରେ ଅର୍ଥର ପ୍ରବାହକୁ ନିୟନ୍ତ୍ରଣ କରି ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବାକୁ ପ୍ରୟାସ କରିଥାଏ । ଉଦାହରଣ ସ୍ୱରୂପ, ୨୦୨୬ ମସିହା ଅକ୍ଟୋବର ମାସରେ ମୁଦ୍ରାସ୍ଫୀତି ବୃଦ୍ଧି ପାଉଥିବା ଦେଖି ଆରବିଆଇ ନିଜର ରେପୋ ରେଟକୁ ୨୫ ବେସିସ୍ ପଏଣ୍ଟ ବୃଦ୍ଧି କରି ୫.୫୦ ପ୍ରତିଶତରେ ପହଞ୍ଚାଇଛି । ଏହି ପାଶ୍ଚାତ୍ୟ ଅର୍ଥନୈତିକ ମଡେଲର ମୂଳ ଲକ୍ଷ୍ୟ ହେଉଛି, ସୁଧ ହାର ବଢ଼ାଇଲେ ଲୋକଙ୍କ କ୍ରୟ କ୍ଷମତା କମିବ, ଚାହିଦା ହ୍ରାସ ପାଇବ ଏବଂ ଶେଷରେ ଦରଦାମ୍ ନିୟନ୍ତ୍ରଣକୁ ଆସିବ । କିନ୍ତୁ ଭାରତୀୟ ପ୍ରେକ୍ଷାପଟରେ, ବିଶେଷ କରି ଖାଦ୍ୟ ସାମଗ୍ରୀ କ୍ଷେତ୍ରରେ, ଏହି ସିଦ୍ଧାନ୍ତ ସମ୍ପୂର୍ଣ୍ଣ ଭାବରେ ବିଫଳ ପ୍ରମାଣିତ ହୋଇଛି ।

ଅର୍ଥନୈତିକ ବିଶେଷଜ୍ଞମାନଙ୍କ ମତରେ ଭାରତରେ ଇନଫ୍ଲେସନ୍ ଟାର୍ଗେଟିଂ କାମ ନକରିବାର ପ୍ରଧାନ କାରଣ ହେଉଛି ଆମ ଦେଶର ମୁଦ୍ରାସ୍ଫୀତି ମୁଖ୍ୟତଃ ଖାଦ୍ୟଦ୍ରବ୍ୟର ଦର ଉପରେ ନିର୍ଭରଶୀଳ। ପାଶ୍ଚାତ୍ୟ ଦେଶଗୁଡ଼ିକରେ ଶିଳ୍ପଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ କମ୍ପାନୀମାନଙ୍କର ଭବିଷ୍ୟତ ମୁଦ୍ରାସ୍ଫୀତି ଆକଳନ ଉପରେ ନିର୍ଭର କରେ । କିନ୍ତୁ ଭାରତର କୃଷି ବଜାରରେ ଏହି ନିୟମ ଲାଗୁ ହୁଏ ନାହିଁ । ଏଠାରେ ଲକ୍ଷ ଲକ୍ଷ କୃଷକ ଏବଂ ବିକ୍ରେତା ଅଛନ୍ତି, ଯେଉଁମାନଙ୍କର ବଜାର ଦର ଉପରେ କୌଣସି ସିଧାସଳଖ ନିୟନ୍ତ୍ରଣ ନଥାଏ । କୃଷିଜାତ ଦ୍ରବ୍ୟର ମୂଲ୍ୟ ସମ୍ପୂର୍ଣ୍ଣ ଭାବରେ ଚାହିଦା ଏବଂ ଯୋଗାଣ (ସପ୍ଲାଏ ଆଣ୍ଡ ଡିମାଣ୍ଡ) ଉପରେ ନିର୍ଭର କରିଥାଏ । ଖାଦ୍ୟ ପାଇଁ ଲୋକଙ୍କ ଚାହିଦା ସବୁବେଳେ ସ୍ଥିର ରହିଥାଏ, କାରଣ ବଞ୍ଚିବା ପାଇଁ ଖାଦ୍ୟ ନିତାନ୍ତ ଆବଶ୍ୟକ। ତେଣୁ ଯେତେବେଳେ ଯୋଗାଣରେ ବାଧା ସୃଷ୍ଟି ହୁଏ, ସେତେବେଳେ ଦରଦାମ୍ ଆକାଶଛୁଆଁ ହୋଇଯାଏ । ରିଜର୍ଭ ବ୍ୟାଙ୍କ ସୁଧ ହାର ବଢ଼ାଇଦେଲେ କ୍ଷେତରେ ଅଧିକ ଟମାଟୋ କିମ୍ବା ପିଆଜ ଉତ୍ପାଦନ ହୋଇଯିବ ନାହିଁ କିମ୍ବା ବଜାରକୁ ଯୋଗାଣ ବଢ଼ିଯିବ ନାହିଁ । ତେଣୁ ମୁଦ୍ରାନୀତି ବା ମନିଟାରୀ ପଲିସି ମାଧ୍ୟମରେ ଖାଦ୍ୟ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ଏକ ଅବାସ୍ତବ ଚିନ୍ତାଧାରା ଅଟେ ।

ଭାରତରେ ଖାଦ୍ୟଦ୍ରବ୍ୟର ଯୋଗାଣ ବାଧାପ୍ରାପ୍ତ ହେବାର ଅନେକ ଗଠନମୂଳକ ଏବଂ ପରିବେଶଗତ କାରଣ ରହିଛି, ଯାହାକୁ ଅଣଦେଖା କରି କେବଳ ସୁଧ ହାର ଉପରେ ନିର୍ଭର କରିବା ବୋକାମୀ ଅଟେ । ଆମ ଦେଶର କୃଷି ବ୍ୟବସ୍ଥା ଆଜି ବି ମୌସୁମୀ ବର୍ଷା ଉପରେ ଅତ୍ୟଧିକ ନିର୍ଭରଶୀଳ। ପରିସଂଖ୍ୟାନ ଅନୁଯାୟୀ ଦେଶର ପ୍ରାୟ ୫୫ ପ୍ରତିଶତ ଚାଷଜମିରେ ଜଳସେଚନର ସୁବିଧା ନାହିଁ, ଯାହା ଫଳରେ ବର୍ଷା ଅଭାବରୁ ଉତ୍ପାଦନ ହ୍ରାସ ପାଇଥାଏ । ଏହା ସହିତ ଜଳବାୟୁ ପରିବର୍ତ୍ତନ ଏବେ ଏକ ବଡ଼ ବିପଦ ଭାବରେ ଉଭା ହୋଇଛି । ଅଦିନିଆ ବର୍ଷା, ବନ୍ୟା, ମରୁଡ଼ି ଏବଂ ପ୍ରବଳ ଗ୍ରୀଷ୍ମପ୍ରବାହ (ହିଟୱେଭ୍) କାରଣରୁ ବ୍ୟାପକ ଫସଲ ନଷ୍ଟ ହେଉଛି । ଉଦାହରଣ ସ୍ୱରୂପ, ଗତ କିଛି ବର୍ଷ ଧରି ଅତ୍ୟଧିକ ଖରା ଯୋଗୁଁ ଉତ୍ତର ଭାରତରେ ଗହମ ଉତ୍ପାଦନ ହ୍ରାସ ପାଉଛି ଏବଂ ପନିପରିବା ଚାଷ ମଧ୍ୟ ବ୍ୟାପକ ଭାବରେ ପ୍ରଭାବିତ ହେଉଛି। ଏଲ୍-ନିନୋ ପ୍ରଭାବ କାରଣରୁ ମୌସୁମୀର ଗତିବିଧି ଅନିୟମିତ ହେଉଛି, ଯାହା ଖରିଫ ଫସଲ ଉପରେ ସିଧାସଳଖ ନକାରାତ୍ମକ ପ୍ରଭାବ ପକାଉଛି । ଏହା ବ୍ୟତୀତ ଦୁର୍ବଳ ଭିତ୍ତିଭୂମି, ଶୀତଳ ଭଣ୍ଡାର (କୋଲ୍ଡ ଷ୍ଟୋରେଜ୍) ର ଅଭାବ ଏବଂ ତ୍ରୁଟିପୂର୍ଣ୍ଣ ଯୋଗାଣ ଶୃଙ୍ଖଳା (ସପ୍ଲାଏ ଚେନ୍) କାରଣରୁ ଅମଳ ପରେ ପ୍ରାୟ ୩୦ ରୁ ୪୦ ପ୍ରତିଶତ ଫଳ ଏବଂ ପନିପରିବା ବଜାରରେ ପହଞ୍ଚିବା ପୂର୍ବରୁ ହିଁ ନଷ୍ଟ ହୋଇଯାଉଛି । ଅନ୍ୟପକ୍ଷରେ, ଲୋକଙ୍କ ଆୟ ବୃଦ୍ଧି ପାଇବା ସହିତ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଆସୁଛି ଏବଂ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଯେପରିକି କ୍ଷୀର, ଅଣ୍ଡା, ମାଂସ ଆଦିର ଚାହିଦା ବଢୁଛି, ଯାହାର ଯୋଗାଣ ସେହି ଅନୁପାତରେ ବଢ଼ିପାରୁ ନାହିଁ । ଏହି ସବୁ ସମସ୍ୟାର ସମାଧାନ ନକରି କେବଳ ବ୍ୟାଙ୍କ ରେଟ୍ ପରିବର୍ତ୍ତନ କରିଦେଲେ ଖାଦ୍ୟ ମୁଦ୍ରାସ୍ଫୀତି କେବେବି କମିବ ନାହିଁ ।

ଏହି ପରିପ୍ରେକ୍ଷୀରେ ଆମକୁ ଆମର ଅର୍ଥନୈତିକ ଇତିହାସ ଏବଂ ନୀତିଗତ ଦିଗହରା ଅବସ୍ଥାକୁ ମଧ୍ୟ ବିଶ୍ଳେଷଣ କରିବାକୁ ପଡ଼ିବ । ସ୍ୱାଧୀନତା ପରବର୍ତ୍ତୀ ସମୟରେ, ବିଶେଷ କରି ୧୯୫୦ ଦଶକରେ, ଭାରତର ନୀତି ନିର୍ଦ୍ଧାରକମାନେ ଅର୍ଥନୈତିକ ସ୍ୱାଧୀନତା ଉପରେ ଗୁରୁତ୍ୱ ଦେଉଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ସ୍ପଷ୍ଟ କରିଥିଲେ ଯେ ଭାରତ ଆମେରିକା କିମ୍ବା ଋଷିଆର ଅର୍ଥନୈତିକ ମଡେଲକୁ ଅନ୍ଧାନୁକରଣ କରିବ ନାହିଁ, କାରଣ ଆମର ସମସ୍ୟାଗୁଡ଼ିକ ସ୍ୱତନ୍ତ୍ର ଏବଂ ଆମକୁ ଆମର ନିଜସ୍ୱ ସମାଧାନ ଖୋଜିବାକୁ ପଡ଼ିବ । ୧୯୮୦ ଦଶକ ପର୍ଯ୍ୟନ୍ତ ଆରବିଆଇ ମଧ୍ୟ ପାଶ୍ଚାତ୍ୟ ଦେଶର ଚିନ୍ତାଧାରାରୁ ନିଜକୁ ଦୂରେଇ ରଖିଥିଲା ଏବଂ ଖାଦ୍ୟ ମୁଦ୍ରାସ୍ଫୀତିକୁ ଏକ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରୁଥିଲା । ୧୯୯୦ ଦଶକରେ ଆରବିଆଇ 'ମଲ୍ଟିପଲ୍ ଇଣ୍ଡିକେଟର୍ସ ଆପ୍ରୋଚ୍' ବା ଏକାଧିକ ସୂଚକାଙ୍କ ଭିତ୍ତିକ ପଦ୍ଧତି ଆପଣାଇଥିଲା, ଯାହା ଅଧିକ ବାସ୍ତବିକ ଥିଲା । କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ୨୦୧୬ ମସିହାରେ ଭାରତ ପାଶ୍ଚାତ୍ୟ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର 'ଇନଫ୍ଲେସନ୍ ଟାର୍ଗେଟିଂ' ନୀତିକୁ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରିନେଲା । ବିକଶିତ ଦେଶଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଏହି ନୀତି ଭାରତ ଭଳି ଏକ କୃଷିପ୍ରଧାନ ଏବଂ ବିକାଶଶୀଳ ଦେଶ ପାଇଁ ଆଦୌ ଉପଯୋଗୀ ନୁହେଁ । ଆମର ନୀତି ନିର୍ଦ୍ଧାରକମାନେ ପାଶ୍ଚାତ୍ୟ ମଡେଲର ମୋହରେ ପଡ଼ି ଭାରତୀୟ ଅର୍ଥବ୍ୟବସ୍ଥାର ବାସ୍ତବତାକୁ ଭୁଲିଯାଇଛନ୍ତି, ଯାହାର ପରିଣାମ ଆଜି ସାଧାରଣ ଜନତା ଭୋଗୁଛନ୍ତି।

ଖାଦ୍ୟ ମୁଦ୍ରାସ୍ଫୀତିର ମୁକାବିଲା ପାଇଁ ଏକ ଦୀର୍ଘମିଆଦୀ ଏବଂ ଉତ୍ପାଦନ ଭିତ୍ତିକ ରଣନୀତିର ଆବଶ୍ୟକତା ରହିଛି । ମୁଦ୍ରାନୀତି ବଦଳରେ ସରକାରଙ୍କୁ କୃଷି କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିବାକୁ ପଡ଼ିବ । କୃଷକମାନଙ୍କୁ ନିରବଚ୍ଛିନ୍ନ ଜଳସେଚନ, ଉନ୍ନତ ମାନର ବିହନ, ଠିକ୍ ସମୟରେ ସାର ଏବଂ ନିରନ୍ତର ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ ହେବ । ଏହାଦ୍ୱାରା କୃଷି ଉତ୍ପାଦକତା ବୃଦ୍ଧି ପାଇବ ଏବଂ ବଜାରରେ ସ୍ଥିର ମୂଲ୍ୟରେ ପର୍ଯ୍ୟାପ୍ତ ଖାଦ୍ୟଶସ୍ୟ ଉପଲବ୍ଧ ହୋଇପାରିବ । ଏହା ସହିତ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ କ୍ଲାଇମେଟ୍ ରେଜିଲିଏଣ୍ଟ୍ କୃଷି ବା ଜଳବାୟୁ-ସହନଶୀଳ ଚାଷ ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ଜରୁରୀ ଅଟେ । କୃଷିଜାତ ଦ୍ରବ୍ୟର ସଂରକ୍ଷଣ ପାଇଁ ଗ୍ରାମାଞ୍ଚଳରେ ବ୍ୟାପକ ଶୀତଳ ଭଣ୍ଡାର ଏବଂ ଗୋଦାମ ଘର ନିର୍ମାଣ କରାଯିବା ଉଚିତ୍, ଯାହାଦ୍ୱାରା ଫସଲ ନଷ୍ଟ ହେବାରୁ ରକ୍ଷା ପାଇବ ଏବଂ ଅଭାବୀ ବିକ୍ରି ସମସ୍ୟା ଦୂର ହେବ । କୃଷି ବଜାରକୁ ମଧ୍ୟସ୍ଥିମାନଙ୍କ କବଳରୁ ମୁକ୍ତ କରିବା ଏବଂ କୃଷକମାନଙ୍କୁ ସେମାନଙ୍କ ଉତ୍ପାଦର ସଠିକ୍ ମୂଲ୍ୟ ପ୍ରଦାନ କରିବା ଦିଗରେ ମଧ୍ୟ ପଦକ୍ଷେପ ନିଆଯିବା ଆବଶ୍ୟକ । ଏହି ସମସ୍ତ ପ୍ରକ୍ରିୟାରେ ରାଜ୍ୟ ସରକାରମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ କୃଷି ଏବଂ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ମୁଖ୍ୟତଃ ରାଜ୍ୟ ସରକାରଙ୍କ ଦାୟିତ୍ୱ ଅଟେ । କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମ ବିନା ଖାଦ୍ୟ ସୁରକ୍ଷା ଏବଂ ଦରଦାମ୍ ନିୟନ୍ତ୍ରଣ ଅସମ୍ଭବ ଅଟେ ।

ପରିଶେଷରେ ଏହା କୁହାଯାଇପାରେ ଯେ, ଖାଦ୍ୟ ମୁଦ୍ରାସ୍ଫୀତି ବିରୋଧରେ ଭାରତର ବର୍ତ୍ତମାନର ଅସହାୟତା କୌଣସି ପ୍ରାକୃତିକ ଦୁର୍ବିପାକ ନୁହେଁ, ବରଂ ଏହା ନୀତିଗତ ବିଫଳତାର ଏକ ଜ୍ୱଳନ୍ତ ଉଦାହରଣ ଅଟେ । ରିଜର୍ଭ ବ୍ୟାଙ୍କର ସୁଧ ହାର ବୃଦ୍ଧି ନୀତି ବଜାରରେ ଖାଦ୍ୟର ଯୋଗାଣ ବଢ଼ାଇପାରିବ ନାହିଁ । ଯେପର୍ଯ୍ୟନ୍ତ ଆମେ ପାଶ୍ଚାତ୍ୟ ଅର୍ଥନୈତିକ ମଡେଲର ଅନ୍ଧାନୁକରଣ ଛାଡ଼ି ଭାରତୀୟ କୃଷି ବ୍ୟବସ୍ଥାର ମୂଳ ସମସ୍ୟାଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରୀଭୂତ ନକରିଛୁ, ସେପର୍ଯ୍ୟନ୍ତ ଖାଦ୍ୟଦ୍ରବ୍ୟର ଦରଦାମ୍ ନିୟନ୍ତ୍ରଣ ବାହାରେ ରହିବ । ସରକାରଙ୍କୁ ବାସ୍ତବତାକୁ ହୃଦୟଙ୍ଗମ କରି କୃଷି କ୍ଷେତ୍ରରେ ଗଠନମୂଳକ ପରିବର୍ତ୍ତନ ଆଣିବାକୁ ପଡ଼ିବ, ଯାହାଦ୍ୱାରା କୃଷକମାନେ ଲାଭବାନ ହେବେ ଏବଂ ଦେଶର କୋଟି କୋଟି ସାଧାରଣ ଖାଉଟି ମୁଦ୍ରାସ୍ଫୀତିର କଷାଘାତରୁ ରକ୍ଷା ପାଇପାରିବେ । ଏହା କେବଳ ଏକ ଅର୍ଥନୈତିକ ଆବଶ୍ୟକତା ନୁହେଁ, ବରଂ ଏକ ସାମାଜିକ ଦାୟିତ୍ୱ ମଧ୍ୟ ଅଟେ ।

ସଙ୍କଟ ମୋଚନ ହନୁମାନ



ଷୋଡ଼ଶ ଶତାବ୍ଦୀର ମଧ୍ୟ ଭାଗ। ସେତେବେଳକୁ ଭାରତବର୍ଷରେ ମୋଗଲମାନଙ୍କ ରାଜତ୍ୱ। ସମ୍ରାଟ ଆକବରଙ୍କ ଉଦାରତା ଏବଂ ଧର୍ମ ନିରପେକ୍ଷତାର ଡିଣ୍ଡିମ ସବୁଆଡେ ଶୁଣା ଯାଉଥାଏ। ସେଇ ସମୟର କଥା। ଥରେ ମହାତ୍ମା ତୁଳସୀ ଦାସ ପଦ୍ରଜରେ ମଥୁରାକୁ ଯାତ୍ରା କରୁଥାନ୍ତି। ବାଟରେ ପଡିଲା ଆଗ୍ରା। ସେଠାରେ ରାତି ରହଣି କରିବାକୁ ଚାହିଁଲେ ସନ୍ଥ ତୁଳସୀ ଦାସ। ସାଧାରଣ ଜନତାଙ୍କ ମଧ୍ୟରେ ଅଳ୍ପ ସମୟ ମଧ୍ୟରେ ଖେଳିଗଲା ସେ ସମ୍ବାଦ। ଭକ୍ତମାନେ ଆତୁର ହୋଇ ପଡ଼ିଲେ ସନ୍ଥ ତୁଳସୀ ଦାସଙ୍କ ଦର୍ଶନ କରିବା ପାଇଁ। ସମ୍ରାଟ ଆକବରଙ୍କ କାଳରେ ପଡ଼ିଲା ସେ କଥା। ଏତେ ଗୁଡିଏ ମଣିଷ ଗୋଟିଏ ମଣିଷକୁ ଦେଖା କରିବାକୁ ଏତେ ବ୍ୟଗ୍ର କାହିଁକି ? ସେକଥା ଜାଣିବା ପାଇଁ ସମ୍ରାଟ ଡକାଇ ପଠାଇଲେ ମନ୍ତ୍ରୀ ବୀରବଲଙ୍କୁ ।

–"କିଏ ଏହି ବୃଦ୍ଧ ବ୍ରାହ୍ମଣ ! ଯାହାକୁ ଦର୍ଶନ କରିବା ପାଇଁ ଶହଶହ ଲୋକ ଧାଇଁଛନ୍ତି ?"

– "ସେ ସନ୍ଥ ତୁଳସୀ ଦାସ ଜୀ ଜାହାଁପନା ! ଜଣେ ହିନ୍ଦୁ ସନ୍ଥ। ମହାପ୍ରଭୁ ଶ୍ରୀରାମ ଙ୍କର ଜଣେ ପରମ ଭକ୍ତ ! ସେ ରାମଚରିତ ମାନସ ନାମରେ ଏକ ସୁନ୍ଦର ଗ୍ରନ୍ଥ ରଚନା କରିଛନ୍ତି ଶ୍ରୀରାମଙ୍କ ବିଷୟରେ। ମୁଁ ନିଜେ ତାଙ୍କର ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି। ସର୍ବଦା ରାମନାଥ ସ୍ମରଣ କରୁଥିବା ସେହି ମହାତ୍ମାଙ୍କର ଶରୀର ଏକ ଅପୂର୍ବ ଜ୍ୟୋତିରେ ଉଦ୍ଭାସିତ ହେଉଥାଏ। ତାଙ୍କର ଦର୍ଶନ କଲେ ମନରେ ସ୍ୱତଃ ଈଶ୍ୱରଙ୍କ ସ୍ଥିତି ଅନୁଭବ ହୁଏ ଏବଂ ଅପୂର୍ବ ଶାନ୍ତି ଆସେ।"- ମନ୍ତ୍ରୀ ବୀରବଲ ମୁଣ୍ଡ ନୁଆଁଇ ଉତ୍ତର ଦେଲେ।

– ହୁଁ... ତେବେ ସେହି ମହାତ୍ମାଙ୍କ ଦର୍ଶନ ସମସ୍ତେ କରିବା ଉଚିତ୍। ତୁମେ ତାଙ୍କ ନିକଟକୁ ଯାଇଁ ମୋ'ର ଆଦେଶ ଶୁଣାଅ... ସେ ଲାଲ କିଲ୍ଲାରେ ଆସି ଆମ ସମସ୍ତଙ୍କୁ ଦର୍ଶନ ଦିଅନ୍ତୁ ! ଆମେ ବି' ଦେଖିବା ତାଙ୍କ ଚମତ୍କାରିତା !!

ମନ୍ତ୍ରୀ ବୀରବଲ ସଙ୍ଗେ ସଙ୍ଗେ ଯାଇ ସନ୍ଥ ତୁଳସୀ ଦାସଙ୍କ ନିକଟରେ ପହଞ୍ଚି ସମ୍ରାଟ ଆକବରଙ୍କ ଆଦେଶ ଶୁଣାଇ ଦେଲେ। ରାମ ଭଜନରେ ନିମଗ୍ନ ସନ୍ଥ ତୁଳସୀ ଦାସ ତାଙ୍କୁ ସିଧା ସଳଖ କହିଲେ..

— "ମୋ' ପ୍ରଭୁ ଶ୍ରୀରାମଙ୍କ ବ୍ୟତୀତ ମୁଁ ଅନ୍ୟ କାହାକୁ ଜାଣେ ନାହିଁ । ତୁମର ସମ୍ରାଟ କି ତାଙ୍କର ଲାଲକିଲ୍ଲା ସହ ମୋର ସମ୍ପର୍କ ବା' କ' ଣ? ସେଠାକୁ ଯିବାର କୌଣସି ଅଭିପ୍ରାୟ ନାହିଁ ମୋ'ର। ତୁମେ ଯାଅ..ତୁମ ସମ୍ରାଟଙ୍କୁ ସେଇ କଥା ଜଣାଇଦେବ"।

ମନ୍ତ୍ରୀ ବୀରବଲ ବାରମ୍ବାର ତାଙ୍କୁ ଅନୁରୋଧ କଲେ ମଧ୍ୟ ସେ ଦୃଢ଼ ଭାବରେ ମନା କଲିଦେଲେ ଲାଲକିଲ୍ଲା ଆସିବା ପାଇଁ। ନିରୁପାୟ ହୋଇ ମନ୍ତ୍ରୀ ବୀରବଲ ଫେରିଆସିଲେ ରାଜା ଦରବାରକୁ ଏବଂ ସନ୍ଥଙ୍କ କହିବା କଥା ଜଣାଇଦେଲେ ସମ୍ରାଟ ଆକବରଙ୍କୁ। ମନ୍ତ୍ରୀ ବୀରବଲଙ୍କ କଥା ଶୁଣି ସମ୍ରାଟ ଆକବର କ୍ରୋଧାନ୍ୱିତ ହେଲେ ...

'ଛାର ସାଧୁଟାଏ ପୁଣି ମୋ' ଆଦେଶ ଅମାନ୍ୟ କରିବାକୁ ସାହସ କଲା !!!" ଏତେ ବଡ଼ ଧୃଷ୍ଟତା କଲା !!!!"

ସେ ସଙ୍ଗେ ସଙ୍ଗେ ତାଙ୍କର ପାତ୍ର ମନ୍ତ୍ରୀଙ୍କୁ ଆଦେଶ ଦେଲେ...ସିପାହୀ ପଠାଇଲେ ଲୁହା ଶିକୁଳିରେ ବାନ୍ଧି ସେ ସାଧୁଙ୍କୁ ଧରି ଆଣି ତାଙ୍କର ଦରବାର ରେ ହାଜର କରାଇବାକୁ। ଆଦେଶ ତତ୍ କ୍ଷଣାତ୍ ପାଳନ ହେଲା। ତୁଳସୀ ଦାସଙ୍କୁ ସମ୍ରାଟ ଆକବରଙ୍କ ସମ୍ମୁଖରେ ହାଜର କରାଯାଇଥିଲା। ସମ୍ରାଟ ସେହି ଜୀର୍ଣ୍ଣ ଶୀର୍ଣ୍ଣ ଦୁର୍ବଳ ଶରୀରର ମଣିଷଙ୍କୁ ଦେଖି ତାହଲ୍ୟର ହସ ହସି କହିଲେ...

– ଲୋକେ କହୁଛନ୍ତି ତୁମର କାଳେ ଚମତ୍କାରୀ ଶକ୍ତି ଅଛି। ତୁମେ ମୋତେ ଥରେ ସେ ଚମତ୍କାରୀ ଶକ୍ତି ଦେଖାଇ ଏହି ବନ୍ଧନରୁ ମୁକ୍ତ ହୋଇଯାଅ । ତାହେଲେ ମୁଁ ମଧ୍ୟ ମାନିଯିବି ତୁମକୁ !!

– "ମୁଁ ସାଧାରଣ ମଣିଷଟିଏ, କୌଣସି ଯାଦୁଗର ନୁହେଁ ଯେ ତୁମକୁ ଚମତ୍କାର ଦେଖାଇବି"। ନମ୍ରତାର ସହ କହିଲେ ତୁଳସୀ ଦାସ।

ତାଙ୍କର ନିର୍ବିକାର ଭାବ ଦେଖି ସମ୍ରାଟ ଆକବରଙ୍କ କ୍ରୋଧ ଚରମ ସୀମାରେ ପହଞ୍ଚିଲା।ସେ ଆହୁରି ଜୋରରେ ଚିତ୍କାର କହିଲେ.."

କନ୍ଦେ କନ୍ଦୁ

ଧ୍ୱନି ପ୍ରତିଧ୍ୱନି

୫ ♣ ବାଲେଶ୍ୱର ♣ ୨୮ ଅକ୍ଟୋବର ୨୦୨୬ ବୁଧବାର

ଅଣ୍ଡାରୁ ମିଳେ ଉଚ୍ଚମାନର ପ୍ରୋଟିନ୍: ମସ୍ତିଷ୍କ ବୃଦ୍ଧି ପାଇଁ ଖୁବ୍ ଭଲ



ଅଣ୍ଡାରେ ଉଚ୍ଚମାନର ପ୍ରୋଟିନ୍, ଭିଟାମିନ୍ ଫୋଲେଟ୍, ସେଲେନିୟମ୍, କୋଲାଇନ୍ ଏବଂ ଲ୍ୟୁଟିନ୍ ଭଳି ଆଣ୍ଟିଅକ୍ସିଡାଣ୍ଟ ସମେତ ବିଭିନ୍ନ ପ୍ରକାରର ଅତ୍ୟାବଶ୍ୟକୀୟ ପୁଷ୍ଟିକର ପଦାର୍ଥ ଭରପୂର ମାତ୍ରାରେ ରହିଛି । ଯାହାଫଳରେ ଅଣ୍ଡା ଖାଇଲେ ଆମକୁ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟଗତ ସୁବିଧା ମିଳିଥାଏ । ଏହି ପୁଷ୍ଟିକର ପଦାର୍ଥ ମାଂସପେଶୀ ବୃଦ୍ଧି, ମସ୍ତିଷ୍କ କାର୍ଯ୍ୟ, ଚକ୍ଷୁ ସ୍ୱାସ୍ଥ୍ୟ ଏବଂ ପ୍ରତିରକ୍ଷା ପ୍ରଣାଳୀକୁ ବୃଦ୍ଧି କରିବାରେ ସହାୟକ ହୁଏ । କେବଳ ସେତିକି ନୁହେଁ, ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ ଅଧିକାଂଶ ଲୋକଙ୍କ ପାଇଁ ପ୍ରତିଦିନ ଗୋଟିଏରୁ ତିନୋଟି ଅଣ୍ଡା ଖାଇବା ଖୁବ୍ ଭଲ । ୧୦୦ ଗ୍ରାମ ଅଣ୍ଡାରେ ପ୍ରାୟ ୧୩ ଗ୍ରାମ ପ୍ରୋଟିନ୍ ସହିତ ସମସ୍ତ ନଅଟି ଅତ୍ୟାବଶ୍ୟକ ଆମିନୋ ଏସିଡ୍ ରହିଥାଏ । ଅଣ୍ଡାରୁ ଆମକୁ ଉଚ୍ଚମାନର ପ୍ରୋଟିନ୍ ମିଳିଥାଏ । ଯାହାକି ମସ୍ତିଷ୍କ ବୃଦ୍ଧିରେ ଗୁରୁତର ଭୂମିକା ନିର୍ବାହ କରେ । ସେଥିପାଇଁ ଛୋଟପିଲାଙ୍କୁ ଦୈନନ୍ଦିନ ଗୋଟାଏ ଅଣ୍ଡା ଦେବା ଜରୁରୀ ବୋଲି ଡାକ୍ତରମାନେ କହନ୍ତି । କେବଳ ମସ୍ତିଷ୍କ ପାଇଁ ନୁହେଁ; ହୃଦୟ ପାଇଁ ବି ଅଣ୍ଡା ଖୁବ୍ ଭଲ । କୋଲେଷ୍ଟ୍ରଲ୍ ଅଧିକ ଥିଲେ ମଧ୍ୟ ବ୍ୟକ୍ତି ଅଣ୍ଡା ଖାଇପାରିବେ । ଏହା କୌଣସି ନକାରାତ୍ମକ ପ୍ରଭାବ ପକାଏ ନାହିଁ। ତେବେ ଅଣ୍ଡାର ଧଳା ଅଂଶ ଏବଂ ହଳଦିଆ ଅଂଶ ଉଭୟ ବେଶ୍ ଉପକାରୀ । ପ୍ରତିଦିନ ଅନ୍ତତଃ ଗୋଟାଏ ଅଣ୍ଡା ଖାଇବା ଶରୀର ପ୍ରତି ଭଲ ହୋଇଥାଏ ।



ମାନସିକ ଶାନ୍ତି ଏବଂ ଚାପ ହ୍ରାସ: ପୃଥିବୀ ପୃଷ୍ଠରେ ମୁକ୍ତ ଇଲେକ୍ଟ୍ରନ୍ ରହିଛି, ଯାହା ଆମ ଶରୀରରେ ଥିବା ଅତିରିକ୍ତ ଇଲେକ୍ଟ୍ରନ୍‌କୁ ସନ୍ତୁଳିତ କରିଥାଏ । ଖାଲି ପାଦରେ ଚାଲିବା ଦ୍ୱାରା ଏହି ଇଲେକ୍ଟ୍ରନ୍‌ଗୁଡ଼ିକ ଶରୀରରେ ପ୍ରବେଶ କରନ୍ତି । ଯାହା ମାନସିକ ଚାପ, ଚିନ୍ତା ଏବଂ ଅବସାଦକୁ କମାଇବାରେ ସାହାଯ୍ୟ କରେ । ଏହା ମସ୍ତିଷ୍କକୁ ଶାନ୍ତ ରଖେ ଏବଂ ନିଦ୍ରାକୁ ଉନ୍ନତ କରିଥାଏ । ଆଧୁନିକ ଗବେଷଣାରୁ ଜଣାପଡ଼ିଛି ଯେ, ପୃଥିବୀରୁ ମିଳୁଥିବା ଇଲେକ୍ଟ୍ରନ୍‌ଗୁଡ଼ିକ ଶରୀରରେ ଥିବା ପ୍ରଦାହଜନକ ପ୍ରକ୍ରିୟାକୁ କମାଇବାରେ ସାହାଯ୍ୟ କରନ୍ତି । ଏହା ଗଣ୍ଠି ଯନ୍ତ୍ରଣା, ମାଂସପେଶୀର ଯନ୍ତ୍ରଣା ଏବଂ ଅନ୍ୟାନ୍ୟ ପ୍ରଦାହଜନକ ରୋଗରୁ ମୁକ୍ତି ଦେଇଥାଏ ।

ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି: ଖାଲି ପାଦରେ ଚାଲିବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ । ଏହା ଶରୀରକୁ ବିଭିନ୍ନ ସଂକ୍ରମଣ ଏବଂ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରେ ।

ରକ୍ତ ସଞ୍ଚାଳନରେ ଉନ୍ନତି: ନୃତତ୍ତ୍ୱବିଜ୍ଞାନୀମାନେ ବିଶ୍ୱାସ କରନ୍ତି ଯେ ଖାଲି ପାଦରେ ଚାଲିବା ଦ୍ୱାରା ପାଦର ତଳିପା ମାଲିସ୍ ହୋଇଥାଏ । ଏହା ପାଦର ଆକ୍ୟୁପ୍ରେସର ପଏଣ୍ଟଗୁଡ଼ିକୁ ଉତ୍ତେଜିତ କରେ, ଯାହା ଶରୀରରେ ରକ୍ତ ସଞ୍ଚାଳନକୁ ଉନ୍ନତ କରିଥାଏ । ଫଳରେ ହୃଦ୍ ରୋଗର ଆଶଙ୍କା କମିଯାଏ ।

ଶରୀରର ଶକ୍ତି ସ୍ତର ବୃଦ୍ଧି: ପୃଥିବୀର ଶକ୍ତି ସହିତ ସଂଯୋଗ ହେବା ଦ୍ୱାରା ଶରୀରରେ ସକରାତ୍ମକ ଶକ୍ତିର ପ୍ରବାହ ବଢ଼ିଥାଏ । ଏହା ଦିନସାରା ତାଜା ଏବଂ ଶକ୍ତିଯୁକ୍ତ ଅନୁଭବ କରିବାରେ ସାହାଯ୍ୟ କରେ ।


ଉନ୍ନତ ଦୃଷ୍ଟିଶକ୍ତି: ଆୟୁର୍ବେଦ ଅନୁଯାୟୀ, ପାଦର ତଳିପାରେ ଥିବା କିଛି ପଏଣ୍ଟ ଆଖି ସହିତ ଜଡିତ । ଘାସ ଉପରେ ଖାଲି ପାଦରେ ଚାଲିବା ଦ୍ୱାରା ଏହି ପଏଣ୍ଟଗୁଡ଼ିକ ସକ୍ରିୟ ହୁଏ, ଯାହା ଦୃଷ୍ଟିଶକ୍ତିକୁ ଉନ୍ନତ କରିବାରେ ସାହାଯ୍ୟ କରେ ।

ସନ୍ତୁଳନ ଏବଂ ଶରୀରର ଉନ୍ନତି: ଜୋତା ନ ପିନ୍ଧି ଚାଲିବା ଦ୍ୱାରା ପାଦର ମାଂସପେଶୀ ସକ୍ରିୟ ହୁଏ । ଯାହା ଶରୀରର ସନ୍ତୁଳନ ଏବଂ ସଠିକ୍ ଶାରୀରିକ ସ୍ଥିତି ବଜାୟ ରଖିବାରେ ସାହାଯ୍ୟ କରେ ।

ଦିନକୁ କେତେ ମିନିଟ ଚାଲିବେ: ଆୟୁର୍ବେଦିକ ଡାକ୍ତରମାନେ ଖାଲି ପାଦରେ ଚାଲିବାକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଅଭ୍ୟାସ ଭାବରେ ବିବେଚନା କରନ୍ତି । ସେମାନେ ପ୍ରାତଃକାଳରେ କିମ୍ବା ସନ୍ଧ୍ୟା ସମୟରେ, ଯେତେବେଳେ ପୃଥିବୀର ଶକ୍ତି ସବୁଠାରୁ ଅଧିକ ସକ୍ରିୟ ଥାଏ । ସେହି ସମୟରେ ଖାଲି ପାଦରେ ଚାଲିବାକୁ ପରାମର୍ଶ ଦିଅନ୍ତି । ପ୍ରାୟ ୨୦ ରୁ ୩୦ ମିନିଟ୍ ପର୍ଯ୍ୟନ୍ତ ଦୈନିକ ଖାଲି ପାଦରେ ଚାଲିବା ସର୍ବୋତ୍ତମ । ଯଦି ଆପଣ ନୂଆ କରି ଏହି ଅଭ୍ୟାସ ଆରମ୍ଭ କରୁଛନ୍ତି, ତେବେ ୧୦-୧୫ ମିନିଟରୁ ଆରମ୍ଭ କରି ଧୀରେ ଧୀରେ ସମୟ ବଢ଼ାଇ ପାରିବେ । ସବୁଜ ଘାସ ଉପରେ, ମାଟିରେ କିମ୍ବା ବାଲି ଉପରେ ଖାଲି ପାଦରେ ଚାଲିବା ଅଧିକ ଲାଭଦାୟକ । କଂକ୍ରିଟ୍ କିମ୍ବା ପିଚୁ ରାସ୍ତାରେ ଚାଲିବାଠାରୁ ଏହା ଅଧିକ ଉପକାରୀ । ସକାଳର କଅଁଳିଆ ଖରାରେ ଘାସ ଉପରେ ଚାଲିବା ଶରୀର ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ।

ଚାଲିବା ପୂର୍ବରୁ ସାବଧାନ: ଖାଲି ପାଦରେ ଚାଲିବା ପୂର୍ବରୁ ସ୍ଥାନଟି ସୁରକ୍ଷିତ ଅଛି କି ନାହିଁ, ତାହା ଯାଞ୍ଚ କରିନିଅନ୍ତୁ । କୌଣସି କଣ୍ଟା, କାଚ ଖଣ୍ଡ କିମ୍ବା ଅନ୍ୟ କୌଣସି ମାରାତ୍ମକ ବସ୍ତୁ ପଡ଼ିନଥିବା ସୁନିଶ୍ଚିତ କରନ୍ତୁ । ଯଦି ଆପଣଙ୍କର ମଧୁମେହ କିମ୍ବା ପାଦ ସମ୍ବନ୍ଧୀୟ କୌଣସି ଗୁରୁତର ସମସ୍ୟା ଅଛି, ତେବେ ଡାକ୍ତରଙ୍କ ପରାମର୍ଶ ନେବା ପରେ ହିଁ ଏହି ଅଭ୍ୟାସ ଆରମ୍ଭ କରନ୍ତୁ । ତେବେ ଖାଲି ପାଦରେ ଚାଲିବା ଏକ ସରଳ ଏବଂ ପ୍ରାକୃତିକ ଉପାୟ । ଯାହା ଶରୀର ଏବଂ ମନ ପାଇଁ ଅନେକ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରେ । ଏହାକୁ ଆପଣଙ୍କ ଦୈନନ୍ଦିନ ଜୀବନଶୈଳୀରେ ଅନ୍ତର୍ଭୁକ୍ତ କରି ଆପଣ ଏକ ସୁସ୍ଥ ଓ ଶାନ୍ତ ଜୀବନ ବଞ୍ଚିପାରିବେ ।

ମଣିଷ ଜୀବନ ସବୁବେଳେ ବ୍ୟସ୍ତ । ଆଜି କାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ଆମେ ପ୍ରାୟତଃ ପ୍ରକୃତି ଠାରୁ ଦୂରେଇ ଯାଉଛୁ । କାମର ଚାପ, ଘରୋଇ ସମସ୍ୟା ଭିତରେ ଏତେ ବ୍ୟସ୍ତ ହୋଇ ଯାଉଛୁ ଯେ- ନିଜ ପାଇଁ ସମୟ ଦେବାକୁ କିମ୍ବା ନିଜକୁ ପ୍ରକୃତି କୋଳରେ ହଜେଇ ଦେବାକୁ ବିଲକୁଲ ବି ସମୟ ପାଉନୁ । ଏପରିସ୍ଥଳରେ ଆମେ ଘର ଭିତରେ, ଅଫିସରେ କିମ୍ବା ବାହାରେ ସବୁବେଳେ ଜୋତା କିମ୍ବା ଚପଲ ପିନ୍ଧି ରହୁଛୁ । କିନ୍ତୁ ଆପଣ ଜାଣିଛନ୍ତି କି ? ଖାଲି ପାଦରେ ଚାଲିବା ଆମ ଶରୀର ପାଇଁ ଅନେକ ଉପକାରୀ ସାବ୍ୟସ୍ତ ହୋଇଥାଏ । ପ୍ରାଚୀନ କାଳରୁ ଆୟୁର୍ବେଦରେ ଖାଲି ପାଦରେ ଚାଲିବାର ମହତ୍ତ୍ୱ ବର୍ଣ୍ଣନା କରାଯାଇଛି । ଏହାକୁ 'ଅର୍ଥିଙ୍ଗ' କିମ୍ବା 'ଗ୍ରାଉଣ୍ଡିଙ୍ଗ' ମଧ୍ୟ କୁହାଯାଏ, ଯାହାର ଅର୍ଥ ହେଉଛି ପୃଥିବୀର ପ୍ରାକୃତିକ ଶକ୍ତି ସହିତ ସିଧାସଳଖ ସଂଯୋଗ ସ୍ଥାପନ କରିବା । ଆସନ୍ତୁ ଜାଣିବା, ଖାଲି ପାଦରେ ଚାଲିବାର ମୁଖ୍ୟ ଉପକାରିତା ଗୁଡ଼ିକ କ'ଣ ଏବଂ ଆୟୁର୍ବେଦିକ ଡାକ୍ତରମାନେ ଏ ବିଷୟରେ କ'ଣ ପରାମର୍ଶ ଦିଅନ୍ତି । ଜାଣନ୍ତୁ ଖାଲି ପାଦରେ ଚାଲିବାର ମୁଖ୍ୟ ଫାଇଦା



ଦିନକୁ ଦିନ ମଣିଷ ଶରୀରରେ ରୋଗ ବୃଦ୍ଧି ପାଉଥିବା ବେଳେ ବଜାରରେ ବିଭିନ୍ନ କମ୍ପାନିର ଔଷଧ ବିକ୍ରି ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି ।ଥରେ କଳ୍ପନା କରି ଦେଖନ୍ତୁ ତ ଆମେ ଅସୁସ୍ଥ ହେବା ପାଇଁ ଯେଉଁ ଔଷଧ ଉପରେ ବିଶ୍ୱାସ କରୁଛେ ଯଦି ସେହି ଔଷଧ ନକଲି ହୁଏ ତେବେ କ'ଣ ହେବ ?

ତେଣୁ କିଣୁଥିବା ଔଷଧ ଅସଲି କି ନକଲି ତାହା ଜାଣିବା ଅତ୍ୟନ୍ତ ଜରୁରୀ । ନିମ୍ନରେ କିଛି ସରଳ ସୂଚନା ରହିଛି । ଯାହାକୁ ଆଧାର କରି ଗ୍ରାହକ ନକଲି ଔଷଧକୁ ସହଜରେ ଚିହ୍ନଟ କରିବା ପାରିବେ ।

ଗ୍ରାହକ ପ୍ରଥମେ ଔଷଧର ପ୍ୟାକେଜିଂ ଏବଂ ଲେବଲିଂକୁ ଭଲଭାବରେ ଯାଞ୍ଚ କରନ୍ତୁ । ନକଲି ଔଷଧର ପ୍ୟାକେଜିଂରେ ପ୍ରାୟତଃ ବନାନ ତ୍ରୁଟି ସହିତ ଫଣ୍ଟ ଓ ରଙ୍ଗରେ ଭିନ୍ନତା ରହିଥାଏ । ଅସଲି ଔଷଧରେ ସବୁକିଛି ସ୍ପଷ୍ଟ ଏବଂ ଠିକ୍ ଭାବରେ ଲେଖାଯାଇଥାଏ ।

ଅନେକ ଔଷଧ କମ୍ପାନି ସେମାନଙ୍କ ଔଷଧରେ ହୋଲୋଗ୍ରାମ କିମ୍ବା ସ୍ୱତନ୍ତ୍ର ସୁରକ୍ଷା ସିଲ୍ ଲଗାଇଥାଆନ୍ତି । ଯାହାକୁ ଗ୍ରାହକମାନେ ଆଲୋକ ପାଖରେ ରଖି ଯାଞ୍ଚ କରି ପାରିବେ । ଯଦି ଏହା କ୍ଷତିଗ୍ରସ୍ତ, କୁଞ୍ଚିତ କିମ୍ବା ନକଲି ଦେଖାଯାଏ, ତେବେ ସତର୍କ ହୋଇଯାଆନ୍ତୁ ।

ଅସଲି ଔଷଧରେ ଏମଆରପି ଏବଂ ନିର୍ମାଣକାରୀ କମ୍ପାନିର ନାମ ଏବଂ ଠିକଣା ପ୍ୟାକେଜିଂରେ ସ୍ପଷ୍ଟ ଭାବରେ ଲେଖାଯାଇଥାଏ । ନକଲି ଔଷଧ ଉପରେ ଏହି ସୂଚନା ଅସମ୍ପୂର୍ଣ୍ଣ ସହିତ ଅନେକ ସମୟରେ ଭୁଲ ରହିଥାଏ । କିଛି ଔଷଧର ଏକ ସ୍ୱତନ୍ତ୍ର ଗନ୍ଧ ଥାଏ । ଯଦି ଔଷଧରୁ ଅଦ୍ଭୁତ କିମ୍ବା ତୀବ୍ର ଗନ୍ଧ ନିର୍ଗତ ହେଉଛି ତେବେ ଏହା ଅସ୍ୱାଭାବିକ । ତେଣୁ ଏଥିପ୍ରତି ସତର୍କ ହୋଇଯାଆନ୍ତୁ । ଯଦି ଆପଣଙ୍କୁ ପାଣିରେ ଏକ ଟାବଲେଟ୍ କିମ୍ବା କ୍ୟାପସୁଲ୍ ଦ୍ରବୀଭୂତ କରିବାକୁ ପଡିବ, ତେବେ ଯାଞ୍ଚ କରନ୍ତୁ ଯେ ଏହା ଠିକ୍ ଭାବରେ ଦ୍ରବୀଭୂତ ହେଉଛି କି ନାହିଁ। ନକଲି ଔଷଧ ପାଣିରେ ପ୍ରାୟତଃ ଠିକ୍ ଭାବରେ ଦ୍ରବୀଭୂତ ହୁଏ ନାହିଁ ।

ଯଦି ଆପଣ ବଜାର ମୂଲ୍ୟ ଅପେକ୍ଷା ବହୁତ ଶସ୍ତା ଔଷଧ ପାଆନ୍ତି, ତେବେ ସତର୍କ ରୁହନ୍ତୁ । ଗ୍ରାହକମାନଙ୍କୁ ପ୍ରଲୋଭିତ କରିବା ପାଇଁ ନକଲି ଔଷଧ ପ୍ରାୟତଃ କମ୍ ମୂଲ୍ୟରେ ବିକ୍ରି ହୋଇଥାଏ । ମନେରଖନ୍ତୁ, ଶସ୍ତା ମୂଲ୍ୟକୁ ବଳି ଦେଇ ଆପଣଙ୍କ ସ୍ୱାସ୍ଥ୍ୟକୁ ବିପଦରେ ପକାନ୍ତୁ ନାହିଁ ।

ସର୍ବଦା ଏକ ପଞ୍ଜିକୃତ ଏବଂ ନିର୍ଭରଯୋଗ୍ୟ ମେଡିକାଲ୍ ଷ୍ଟୋରରୁ ଔଷଧ କିଣନ୍ତୁ । ରାସ୍ତା କଡ଼ରୁ କିମ୍ବା ଅଜଣା ସ୍ଥାନରୁ ଔଷଧ କିଣିବାର ଭୁଲ କରନ୍ତୁ ନାହିଁ । ଔଷଧ କିଣିବା ସମୟରେ ସର୍ବଦା ବିଲ୍ ସଂଗ୍ରହ କରନ୍ତୁ । ଯାହାକି ଆବଶ୍ୟକ ପଡ଼ିଲେ ଅଭିଯୋଗ ଦାଖଲ କରିବାରେ ସାହାଯ୍ୟ କରିବ ।

କିଛି ଔଷଧ କମ୍ପାନି ଅନଲାଇନରେ ସେମାନଙ୍କର ଔଷଧ ଟ୍ରାକ୍ କରିବାର କ୍ଷମତା ପ୍ରଦାନ କରନ୍ତି । ଆପଣ ସେମାନଙ୍କ ୱେବସାଇଟରେ ପ୍ୟାକେଜିଂରେ ଦିଆଯାଇଥିବା କୋଡ୍ ପ୍ରବେଶ କରି ଔଷଧ ବିଷୟରେ ଯାଞ୍ଚ କରିପାରିବେ ।

ଏସବୁ ଖାଦ୍ୟ ଖାଇବା ପରେ ପାଣି ପିଇବା ଆଦୌ ଠିକ୍ ନୁହେଁ, ଜାଣନ୍ତୁ...

ଶରୀରକୁ ସୁସ୍ଥ ରଖିବାରେ ପାଣିର ଭୂମିକା ଯଥେଷ୍ଟ ରହିଥାଏ । କୁହାଯାଏ, ଜଣେ ସୁସ୍ଥ ବ୍ୟକ୍ତିଙ୍କୁ ପ୍ରତିଦିନ ୬ରୁ ୧୦ ଗ୍ଲାସ ପାଣି ପିଇବା ନିହାତି ଆବଶ୍ୟକ । କିନ୍ତୁ ଜରୁରୀ ନୁହେଁ, ସବୁ ଲୋକଙ୍କୁ ସମାନ ମାତ୍ରାର ପାଣି ପିଇବା ଦରକାର । ଶରୀରର ଆବଶ୍ୟକତା ଅନୁଯାୟୀ, ଯାହାକୁ ଯେତିକି ଦରକାର ସିଏ ସେତିକି ପାଣି ପିଇପାରିବେ । ସେହିପରି ଏମିତି କିଛି ଖାଦ୍ୟ ବି ରହିଛି; ଯାହାକୁ ଖାଇ ସାରିବା ପରେ ପାଣି ପିଇବା ମଧ୍ୟ ଆଦୌ ଠିକ୍ ନୁହେଁ । ଯେମିତିକି: ଚଣା ଭଜା ଖାଇବା ପରେ ସାଙ୍ଗେ ସାଙ୍ଗେ ଆଦୌ ପାଣି ପିଇବେ ନାହିଁ । କାରଣ ପାଣି ପିଇଦେଲେ ଚଣା ଠିକ୍‌ରେ ହଜମ ହୁଏନାହିଁ; ଯଦ୍ୱାରା ପେଟ ଦରଜ ସମସ୍ୟା ଦେଖାଯିବ । ସେହିପରି ପିଜୁଲି ଖାଇବା ପରେ ମଧ୍ୟ ପାଣି ପିଇବା ଠିକ୍ ନୁହେଁ । ଏହା ଗ୍ୟାସ ସମସ୍ୟାକୁ ଡାକି ଆଣିଥାଏ । ଅନ୍ୟପକ୍ଷେ ଆଇସ୍‌କ୍ରିମ୍ ଖାଇବା ପରେ ବି ପାଣି ପିଇଲେ ତଣ୍ଟି ଦରଜ ହେବା ସହ ଦାନ୍ତରେ ସେନ୍‌ସେଶନ୍ ସମସ୍ୟା ଦେଖାଯାଇଥାଏ । ଏହାଛଡ଼ା ଯେଉଁ ଫଳରେ ଜଳୀୟ ଅଂଶ ଅଧିକ ଥାଏ ଯଥା: କମଳା, କାକୁଡି, ଷ୍ଟବେରୀ, ତରଭୁଜ, ଖରଭୁଜ ଇତ୍ୟାଦି ଖାଇବା ପରେ ଆଦୌ ପାଣି ପିଅନ୍ତୁ ନାହିଁ ।



ଆଜିକାଲି ଦୁନିଆରେ ସମସ୍ତେ ବ୍ୟସ୍ତ । ଆଉ ଏହି ବ୍ୟସ୍ତ ବହୁଳ ଜୀବନରେ ନିଜକୁ ସୁସ୍ଥ ରଖିବା ସବୁଠାରୁ ବଡ଼ ଚାଲେଞ୍ଜ । କାରଣ ଏବେ ଘରେ ଘରେ ରୋଗ, ଘରେ ଘରେ ରୋଗୀ । ଏମିତି ଗୋଟେ ବି ପରିବାର ନାହିଁ ଯାହା ଘରେ ରୋଗୀ ନଥିବେ । ତେଣୁ ଏସବୁ ପରିସ୍ଥିତିର ମୁକାବିଲା ପାଇଁ, ନିଜକୁ ସୁସ୍ଥ ରଖିବା ପାଇଁ କଣ ଖାଇବା ଦରକାର.. କେମିତି ନିଜ ଦେହର ଯତ୍ନ ନେବା ଦରକାର ବୋଲି ପ୍ରଶ୍ନ ଆସେ । ପ୍ରାୟତଃ ପ୍ରତି ଘରେ ଏମିତି ଜଣେ ବ୍ୟକ୍ତି ଥିବେ ଯାହାଙ୍କୁ ଯେତେବେଳେ ବି ଦେଖ କିଛି ନା' କିଛି ରୋଗ ଲାଗିରହିଥିବ । ବାରମ୍ବାର ଅସୁସ୍ଥ , ସାମାନ୍ୟ ଜ୍ୱର ଏବଂ ଥଣ୍ଡା, କାଶ ,ଛିଙ୍କ ଭଳି ସମସ୍ୟା ଲାଗିରହିଥିବ । ଏହା ସାଧାରଣତଃ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି (ଇମ୍ୟୁନିଟି) କାରଣରୁ ହୋଇଥାଏ । ଯଦି ଆପଣଙ୍କ ମଧ୍ୟରେ ମଧ୍ୟ ପାଣିପାଗ ବଦଳିବା ସହିତ ଅସୁସ୍ଥ ହେବାର ସମସ୍ୟା ଦେଖାଯାଉଛି ତେବେ ଆପଣଙ୍କୁ ନିଜ ଖାଦ୍ୟରେ ଏପରି ଦ୍ରବ୍ୟ ସାମିଲ କରିବା ଉଚିତ ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବା ପାଇଁ ସାହାଯ୍ୟ କରିବ । ଆସନ୍ତୁ ସେ ବାବଦରେ ଜାଣିବା...

ଫଳ, ବିନ୍ସ, ଡ୍ରାଏ ଫ୍ରୁଟ୍ସ , ପନିପରିବା, ଲିନ୍ ପ୍ରୋଟିନରେ ଭରପୂର ଏକ ସନ୍ତୁଳିତ ଆହାର ଶରୀରକୁ ସୁସ୍ଥ ରଖିବା ଏବଂ ରୋଗରୁ ରକ୍ଷା କରିବା ପାଇଁ ଜରୁରୀ । ଓଟ୍ସ, କିନୋଆ, ସ୍ପ୍ରାଉଟ୍ସ ଏବଂ ଚଣା ଭଳି ଖାଦ୍ୟ ପ୍ରତିଦିନ ଖାଦ୍ୟରେ ସାମିଲ କରିବା ଉଚିତ । ଏଥିରେ ଭରପୂର ମାତ୍ରାରେ ମିନେରାଲ୍ସ ଏବଂ ଭିଟାମିନ୍ସ ଥାଏ, ଯାହା ଶରୀରକୁ ଭିତରୁ ପୋଷଣ ଦିଏ ଏବଂ ଶକ୍ତିଶାଳୀ କରେ । ଏତଦ୍ ବ୍ୟତୀତ, ଭରପୂର ମାତ୍ରାରେ ପର୍ଯ୍ୟାପ୍ତ ନିଦ, ଫିଜିକାଲ ଆକ୍ଟିଭିଟି ଏବଂ ଚାପକୁ କମ୍ କରିବା ମଧ୍ୟ ନିହାତି ଜରୁରୀ । ଏଠାରେ ଆମେ ଆପଣଙ୍କୁ କିଛି ଏପରି ଖାଦ୍ୟ ବିଷୟରେ କହୁଛୁ, ଯାହା ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବାରେ ବହୁତ ସାହାଯ୍ୟ କରେ ।

ଯଦି ଆପଣ ନିଜର ଇମ୍ୟୁନିଟିକୁ ବଢ଼ାଇବାକୁ ଚାହୁଛନ୍ତି, ତେବେ ଆପଣଙ୍କୁ ନିଜର ଡେଲି ଡାଏଟରେ ଭିଟାମିନ ସି ରିଚ୍ ଫଳର ସେବନ କରିବା ଉଚିତ । କମଳା, ଲେମ୍ବୁ , କିୱି, ଅମୃତଭଣ୍ଡା ଭଳି ଫଳରେ ଭିଟାମିନ ସି ପ୍ରଚୁର ମାତ୍ରାରେ ଥାଏ ଯାହା ଇମ୍ୟୁନିଟିକୁ ବଢ଼ାଏ । ଖଟା ଫଳ ରୋଗ ପ୍ରତିରୋଧକ କ୍ଷମତାକୁ ବଢ଼ାଇଥାଏ, ଯାହା ସଂକ୍ରମଣ ସହିତ ଲଢ଼ିବା ପାଇଁ ଧଳା ରକ୍ତ କୋଷିକାର ଉତ୍ପାଦନକୁ ଉତ୍ତେଜିତ କରିଥାଏ । ଏଥିରେ ଆଣ୍ଟିଅକ୍ସିଡେଣ୍ଟ ମଧ୍ୟ ଥାଏ, ଯାହା କୋଷିକାଗୁଡ଼ିକୁ ନଷ୍ଟ ହେବାରୁ ବଞ୍ଚାଇଥାଏ, ଫ୍ଲେଭୋନଏଡ୍ସ ଥାଏ, ଯାହା ହୃଦୟ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ ଏବଂ ଖଟା ଫଳରେ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ହଜମରେ ସାହାଯ୍ୟ କରେ ଏବଂ ଆପଣଙ୍କ ଓଜନକୁ ମଧ୍ୟ ନିୟନ୍ତ୍ରଣରେ ରଖେ ।



ହରିୟାଣା ପୋଲିସ ଦ୍ୱାରା ଗିରଫ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା: ଥାନା ଘେରାଉ

ମାଲକାନଗିରି,୨୭/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଜଣେ ଯୁବକଙ୍କ ରହସ୍ୟଜନକ ମୃତ୍ୟୁକୁ କେନ୍ଦ୍ର କରି ଆଜି ଉତେଜନା ଦେଖାଦେଇଛି। ହରିୟାଣା ପୁଲିସ ଦ୍ୱାରା ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଅଟକ ରଖାଯାଇଥିବା ଜଣେ ଯୁବକଙ୍କ ମୃତଦେହ ମାଲକାନଗିରିର ଏକ ହୋଟେଲ ଭିତରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହେବା ପରେ ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମୃତକ ହେଉଛନ୍ତି ଏମଭି-୬୫ ଗ୍ରାମର ତନୁପ ଦେ।

ଏହି ଘଟଣାକୁ ନେଇ ମୃତକଙ୍କ ପରିବାରବର୍ଗ ହରିୟାଣା ପୁଲିସ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ଯୁବକଙ୍କୁ ମାଡ଼ ମାରି ହତ୍ୟା କରାଯାଇଥିବା ପରିବାର ଲୋକେ ଦାବି କରିଛନ୍ତି। ଅନ୍ୟପକ୍ଷରେ, ମୃତ୍ୟୁର ପ୍ରକୃତ କାରଣ ଏବଂ ଘଟଣାର ପରିସ୍ଥିତି ସମ୍ପର୍କରେ ତଦନ୍ତ ପରେ ହିଁ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିପାରିବ।

ପ୍ରାପ୍ତ ସୂଚନା ଅନୁଯାୟୀ, ଗତକାଲି ରାତିରେ ହରିୟାଣାର ହାଂସି ଥାନା ପୁଲିସ ମାଲକାନଗିରି ଜିଲ୍ଲାର ଏମଭି-୬୫ ଗ୍ରାମରେ ପହଂଚି ତନୁପ ଦେଙ୍କୁ ତାଙ୍କ ଘରୁ ନେଇ ଆସିଥିଲା। ଗଞ୍ଜେଇ ଚୋରାଚାଲାଣ ସହ ତାଙ୍କର ସମ୍ପୃକ୍ତି ଥିବା ସନ୍ଦେହରେ ପୁଲିସ ତାଙ୍କୁ ଅଟକ ରଖିଥିଲା। ଏହାପରେ ଯୁବକଙ୍କୁ ମାଲକାନଗିରିର ହୋଟେଲ ମାଲକାନଗିରି ଇନ୍‌ରେ ରଖାଯାଇଥିଲା। ତେବେ ଆଜି ସକାଳେ ହୋଟେଲ ଭିତରୁ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିବା ଘଟଣାକୁ ଅଧିକ ରହସ୍ୟମୟ କରି ଦେଇଛି। ଗତକାଲି ରାତିରେ ଜଣେ ଯୁବକଙ୍କୁ ଅଟକ ରଖାଯିବା ଏବଂ ପରଦିନ ସକାଳେ ତାଙ୍କ ମୃତ୍ୟୁ ଖବର ସାମ୍ନାକୁ ଆସିବା ଫଳରେ ପରିବାର ବର୍ଗଙ୍କ ମଧ୍ୟରେ ଗଭୀର ଉଦ୍ୱେଗ ଓ ଅସନ୍ତୋଷ ପ୍ରକାଶ ପାଇଛି। ଯୁବକଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ଘଟିଲା, ତାଙ୍କୁ ଅଟକ ରଖିବା ସମୟରେ କ'ଣ ଘଟିଥିଲା ଏବଂ ଘଟଣା ପଛରେ କାହାର ଦାୟିତ୍ୱହୀନତା ରହିଛି କି ନାହିଁ, ସେସବୁ ଏବେ ତଦନ୍ତର ପ୍ରମୁଖ ପ୍ରସଙ୍ଗ ହୋଇଛି। ମୃତ ତନୁପ ଦେଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ହରିୟାଣାର ହାଂସି ଥାନା ପୁଲିସ ତାଙ୍କୁ ମାଡ଼ ମାରି ହତ୍ୟା କରିଛି। ପରିବାର ବର୍ଗ ଯୁବକଙ୍କ ମୃତ୍ୟୁର ନିରପେକ୍ଷ ତଦନ୍ତ, ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ନ୍ୟାୟ ପ୍ରଦାନ ପାଇଁ ଦାବି ଉଠାଇଛନ୍ତି। ଏହି ଘଟଣା କେବଳ ଗୋଟିଏ ପରିବାରର ଦୁଃଖଦ ଘଟଣା ନୁହେଁ; ଅଟକରେ ଥିବା ଜଣେ ବ୍ୟକ୍ତିଙ୍କ ସୁରକ୍ଷା ଓ ମୃତ୍ୟୁର ପ୍ରକୃତ କାରଣ ସମ୍ପର୍କରେ ଗୁରୁତର ପ୍ରଶ୍ନ ଉଠାଇଛି। ତେଣୁ ଘଟଣାର ସମସ୍ତ ଦିଗକୁ ନିରପେକ୍ଷ ଭାବେ ଯାଂଚ୍ କରିବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି। ଯୁବକଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଏମଭି-୬୫ ଗ୍ରାମ ସମେତ ସ୍ଥାନୀୟ ଅଂଚଳରେ ତୀବ୍ର ଉତେଜନା ଦେଖାଦେଇଛି। ହରିୟାଣା ପୁଲିସ ବର୍ତମାନ ମାଲକାନଗିରି ଥାନାରେ ଅଟକ ଥିବା ଜଣାପଡ଼ିଛି। ଘଟଣାରେ ଉତ୍ତେଜ୍ତ ଲୋକେ ମାଲକାନଗିରି ଥାନା ଘେରାଉ କରି ହରିୟାଣା ପୁଲିସର ସମ୍ପୃକ୍ତ କର୍ମଚାରୀଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଯୁବକଙ୍କ ମୃତ୍ୟୁ ପଛରେ ଯଦି କାହାର ଅପରାଧିକ ସମ୍ପୃକ୍ତି ରହିଛି, ତେବେ ସେମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯାଉ ବୋଲି ଦାବି ହେଉଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପାଇଁ ଘଟଣାର ସମ୍ବେଦନଶୀଳତା ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ଲୋକଙ୍କ ଆକ୍ରୋଶକୁ ଶାନ୍ତ କରିବା ସହ ନିରପେକ୍ଷ ତଦନ୍ତ ଓ ଆଇନଶୃଙ୍ଖଳା ରକ୍ଷା କରିବା ପ୍ରଶାସନର ପ୍ରମୁଖ ଦାୟିତ୍ୱ ହୋଇଛି। ତନୁପ ଦେଙ୍କ ମୃତ୍ୟୁକୁ ନେଇ ଏବେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଘଟଣାସ୍ଥଳର ବୈଜ୍ଞାନିକ ଯାଂଚ୍, ଆବଶ୍ୟକ ସିସିଟିଭି ଫୁଟେଜ୍ ର ପରୀକ୍ଷା, ସାକ୍ଷୀଙ୍କ ବୟାନ ଏବଂ ମୃତଦେହର ଶବ ବ୍ୟବଚ୍ଛେଦ ରିପୋର୍ଟ ଗୁରୁତ୍ୱପୂର୍ଣ୍ଣ। ଏହା ସହ ଯୁବକଙ୍କୁ ଅଟକ ରଖିବା ସମ୍ପର୍କିତ ରେକର୍ଡ ଓ ପୁଲିସର କାର୍ଯ୍ୟପ୍ରଣାଳୀ ଯାଂଚ୍ କରାଯିବା ଆବଶ୍ୟକ। ଯୁବକଙ୍କ ମୃତ୍ୟୁ ଆତ୍ମହତ୍ୟା, ହତ୍ୟା ନା ଅନ୍ୟ କୌଣସି କାରଣରୁ ଘଟିଛି, ତାହା ଏବେ ସ୍ପଷ୍ଟ ହୋଇନାହିଁ। ଏବେ ସମସ୍ତଙ୍କ ନଜର ପୁଲିସ ପ୍ରଶାସନର ପରବର୍ତୀ ପଦକ୍ଷେପ ଉପରେ ରହିଛି। ଘଟଣାର ନିରପେକ୍ଷ ତଦନ୍ତ, ମୃତ୍ୟୁର ପ୍ରକୃତ କାରଣର ଖୁଲାସା ଏବଂ ଦୋଷୀଙ୍କ ବିରୋଧରେ ଆଇନସମ୍ମତ କାର୍ଯ୍ୟାନୁଷ୍ଠାନ ହିଁ ଏବେ ମୃତକଙ୍କ ପରିବାରର ପ୍ରମୁଖ ଦାବି।

ଜିଲ୍ଲା ପ୍ରଶାସନ ଏବଂ ଦୁର୍ନୀତି ନିବାରଣ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲାରେ ସାଧୁତା ଓ ଦୁର୍ନୀତି ନିବାରଣ ଶପଥ ପାଠ କାର୍ଯ୍ୟକ୍ରମ

ବଲାଙ୍ଗିର,୨୭/୧୦ (ନି.ପ୍ର): ଜିଲ୍ଲା ପ୍ରଶାସନ ଏବଂ ଦୁର୍ନୀତି ନିବାରଣ ବିଭାଗର ମିଳିତ ଆନୁକୂଲ୍ୟରେ ଆଜି ଜିଲ୍ଲାରେ ସାଧୁତା ଓ ଦୁର୍ନୀତି ନିବାରଣ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁଇଁନ୍ତଲା ପଂଚାୟତ ସମିତି ବୈଠକ ଗୃହରେ ଆୟୋଜିତ ଶପଥ ପାଠ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଗୌରଙ୍ଗ ଶିଙ୍ଗାଜୀ ଇସଲଙ୍ଗାର ଯୋଗଦେଇ ଉପସ୍ଥିତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଶପଥ ପାଠ କରାଇଥିଲେ। ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଦେଶର ସମଗ୍ର ପ୍ରଗତି ଏବଂ ସୁଶାସନ ପ୍ରତିଷ୍ଠା ପାଇଁ ଦୁର୍ନୀତି ବିରୋଧରେ ସଂଗ୍ରାମ କରିବାକୁ ଦୃଢ଼ ସଂକଳ୍ପ ନେଇଥିଲେ। ଶପଥ ଗ୍ରହଣ ସମୟରେ କାର୍ଯ୍ୟାଳୟର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ରକ୍ଷା କରିବା, ଲାଂଚ ଦେବାରୁ ଓ ନେବାରୁ ସମ୍ପୂର୍ଣ୍ଣ ନିବୃତ ରହିବା, ନିଷ୍ଠାର ସହ ସ୍ୱଚ୍ଛତା ଅବଲମ୍ବନ କରି ଦାୟିତ୍ୱ ନିର୍ବାହ କରିବା ଏବଂ ସାଧାରଣ ଜନସାଧାରଣଙ୍କ ହିତ ସାଧନ ଲାଗି ନିଜକୁ ସମର୍ପିତ ରଖିବାକୁ ପ୍ରତିଜ୍ଞା କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଇସଲଙ୍ଗାର ନିଜର ଉଦ୍ବୋଧନ ଦେଇ ଏକ ଦୁର୍ନୀତିମୁକ୍ତ କାର୍ଯ୍ୟଶୈଳୀ ଆପଣାଇବା ଏବଂ ସରକାରୀ ଦାୟିତ୍ୱଗୁଡ଼ିକୁ ସମ୍ପୂର୍ଣ୍ଣ ସଚ୍ଚୋଟତାର ସହ ସମ୍ପାଦନ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରି ସମସ୍ତଙ୍କୁ ଆବଶ୍ୟକୀୟ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଧ୍ୟ ଶପଥ ପାଠ କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ପବିତ୍ର ବେହେରା ଏବଂ ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସମସ୍ତ ଅଧିକାରୀ ତଥା କର୍ମଚାରୀମାନଙ୍କୁ ସାଧୁତା ଓ ସଚ୍ଚୋଟତାର ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ରାମ ନାରାୟଣ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଡେପୁଟି କଲେକ୍ଟର ଏବଂ କର୍ମଚାରୀମାନେ ସକ୍ରିୟ ଭାବେ ଯୋଗଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝୀ ଏବଂ ଉପ-ଆରକ୍ଷୀ ଅଧୀକ୍ଷକ, ଦୁର୍ନୀତି ନିବାରଣ ବିଭାଗ, ପୁଲଷ୍ତି ଛତ୍ରିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

ଦୀପିକା ଜେନା ମୃତ୍ୟୁ ଘଟଣାକୁ ନେଇ ଜଳେଶ୍ୱର ଥାନା ସମ୍ମୁଖରେ ଜଳେଶ୍ୱର ଅଞ୍ଚଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବିକ୍ଷୋଭ: ମୁଖ୍ୟ ମନ୍ତ୍ରୀଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ



ଜଳେଶ୍ୱର,୨୭/୧୦ (ନି.ପ୍ର): ସ୍ଥାନୀୟ ଦୀପିକା ଜେନାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ ଜଳେଶ୍ୱର ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସର ନିଷ୍କ୍ରିୟତା ଓ ଦାୟିତ୍ୱହୀନତାକୁ ବିରୋଧ କରି ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଜଳେଶ୍ୱର ବ୍ଲକ୍ କମିଟି ପକ୍ଷରୁ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ସର୍ବ ଭାରତୀୟ କୋଷାଧକ୍ଷ ତାପଶି ପ୍ରହରାଜଙ୍କ ନେତୃତ୍ୱରେ ଜଳେଶ୍ୱର ଥାନା ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।ମମି ପଣ୍ଡା,ଆଇନଜୀବି ସବିତା ସାହୁ,ଇଶାନୀ ଆଚାର୍ଯ୍ୟ,ମହୁଆ ବସୁ,ଅପର୍ଣ୍ଣା ନନ୍ଦୀ,ଶକୁନ୍ତଳା ଜେନା,ମମତା ରାଜ, ସବିତା ଭୂୟାଁ, ରୁବିନି ବିବି, ଅଫସନା ବିବି,ରଞ୍ଜିତା ଆଚାର୍ଯ୍ୟ,ମିନତୀ ବାରିକ,ଆରତୀ ପଲାଇ,ରୂପଶ୍ରୀ ଦାସ,ଦୀପିକା ବସୁ,ଲିପିକା ବସୁ,ଅର୍ଚ୍ଚନା ପଲାଇ,ଶାନ୍ତିଲତା ସିଂ,ମିନତୀ ପଲାଇ ପ୍ରମୁଖ ସଂଘଠନର ଶତାଧିକ ମହିଳା ଓ କର୍ମକର୍ତ୍ତା ଏକତ୍ରିତ ହୋଇ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।ମୃତ ଦୀପିକା ଜେନା ଘଟଣାର ସତ୍ୟାସତ୍ୟ ପଦାକୁ ଆଣିବା ପାଇଁ ଉଚ୍ଚସ୍ତରୀୟ ବିଚାରବିଭାଗୀୟ ତଦନ୍ତ କରାଯାଉ।ପୋଲିସର ଚରମ ଦାୟିତ୍ୱହୀନତା ଓ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ପାଇଁଅଭିଯୁକ୍ତ କରନ ମାରାଣ୍ଡିଙ୍କୁ ତୁରନ୍ତ ଗିରଫ କରାଯାଉ।ତଦନ୍ତରେ ଅବହେଳା କରିଥିବା ନାଆଁ ପାଣ୍ଡିର ସମସ୍ତ ପୋଲିସ କର୍ମଚାରୀଙ୍କୁ ତୁରନ୍ତ ପଦବୀରୁ ଅପସାରଣ କରାଯାଉ।ପୀଡ଼ିତାଙ୍କ ଶୋକସନ୍ତପ୍ତ ପରିବାରକୁ ଆର୍ଥିକ ସହାୟତା ସ୍ୱରୂପ ତୁରନ୍ତ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଉ। ଜଳେଶ୍ୱରରେ ଆଇନ ଶୃଙ୍ଖଳା ପରିସ୍ଥିତି ସୁଧାରିବା ଓ ନିରପେକ୍ଷ ତଦନ୍ତ ପାଇଁ ଜଣେ ଦକ୍ଷ ଆଇପିଏସ ଅଧିକାରୀଙ୍କୁ ନିଯୁକ୍ତ କରାଯାଉ। ବିକ୍ଷୋଭକାରୀ ମାନେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି ଯେ ଯଦି ଆଗାମୀ ଦିନରେ ଏହି ଦାବିଗୁଡ଼ିକ ଉପରେ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ସଙ୍ଗଠନ ପକ୍ଷରୁ ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ତୀବ୍ରତର କରାଯିବ।ବିକ୍ଷୋଭ ଶେଷରେ ସଂଘଠନ ପକ୍ଷରୁ ଉପରୋକ୍ତ ଦାବି ସମ୍ବଳିତ ଏକ ସ୍ମାରକପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କୁ ଜଳେଶ୍ୱର ପୋଲିସ ପ୍ରଶାସନ ଦ୍ୱାରା ହସ୍ତାନ୍ତର କରାଯାଇଛି।

କୋଟିଆବାସୀଙ୍କୁ ଆନ୍ଧ୍ରର ନିର୍ବାଚନୀ: ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ସରକାର ଚୁପ୍

ଜୟପୁର,୨୭/୧୦ (ନି.ପ୍ର): କୋଟିଆକୁ ନେଇ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ବଢୁଛି ରାଜନୈତିକ ଛକାପଞ୍ଜା । ନିର୍ବାଚନ ତାରିଖ ଘୋଷଣା ପରେ ସୀମାନ୍ତ ଗାଁ ଗୁଡ଼ିକରେ ଆନ୍ଧ୍ରର ତତ୍ପରତା ଦେଖିବାକୁ ମିଳିଛି । ଆସନ୍ତା ୩ ତାରିଖରେ ଆନ୍ଧ୍ର ପକ୍ଷରୁ ପଂଚାୟତ ନିର୍ବାଚନ ହେବାକୁ ଥିବା ବେଳେ ହରମାଣ୍ଡିଙ୍ଗି, ଉପର ସେମି, ତଳ ସେମି, ଧୁଳିପଦର ଏହି ସବୁ ଗାଁରେ ଯୁଦ୍ଧକାଳୀନ ଭିତିରେ ମାଗଣା ସୋଲାର ସିଷ୍ଟମ୍ ଲଗାଯାଉଛି । ଏହାକୁ ନେଇ ରାଜ୍ୟ ସରକାର ଓ ବିରୋଧୀଙ୍କ ମଧ୍ୟରେ ମୁହାଁ ମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ନିର୍ବାଚନ ପୂର୍ବରୁ ଏଭଳି ଯୋଜନାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି। ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଏହା ଏକ ରଣନୀତି ବୋଲି ଚର୍ଚ୍ଚା ଜୋର ଧରିଛି । ସେପଟେ ଓଡ଼ିଶାର ଡବଲ ଇଞ୍ଜିନ ସରକାର ଚୁପ୍ ରହି ଆନ୍ଧ୍ରକୁ ପ୍ରଶୟ ଦେଉଛି । କେବଳ ଫମ୍ପା ଭାଷଣ ଓ ଅଫିସରଙ୍କୁ ଯାଂଚ୍ ନିର୍ଦ୍ଦେଶ ଦେଇ ମୋହନ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ବିରୋଧୀ କଂଗ୍ରେସ ଓ ବିଜେଡି ଅଭିଯୋଗ କରିଛନ୍ତି । ଓଡ଼ିଶାର ଡବଲ ଇଞ୍ଜିନ ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇ ପୁରା ଚୁପ୍ । ଅଧିକାରୀଙ୍କୁ ପଠାଇ ମନ୍ତ୍ରୀ, ବିଧାୟକ ଫମ୍ପା ଭାଷଣ ମାରୁଛନ୍ତି । ତେଣେ ନିର୍ବାଚନ ପୂର୍ବରୁ ଆନ୍ଧ୍ର ବାଣ୍ଟି ଚାଲିଛି ମାଗଣା ସୋଲାର ସିଷ୍ଟମ । ଓଡ଼ିଶାର ଡବଲ ଇଞ୍ଜିନ ସରକାର ଏ ପ୍ରସଙ୍ଗରେ ଏକଦମ୍ ଚୁପ୍ ରହୁଛି। ଆନ୍ଧ୍ର ସରକାରକୁ ତାଗିଦ କିୟା ବିରୋଧ କରିବା ଲାଗି ସାହାସ କରିପାରୁ ନାହିଁ । ସେପଟେ କୋଟିଆର ସୀମାନ୍ତ ଗାଁରେ ପହଂଚିଛି ବିଜେଡିର ୧୬ ଜଣିଆ ପ୍ରତିନିଧି ଦଳ । ଲୋକଙ୍କୁ ବୁଝାଇବା ସହ ଆନ୍ଧ୍ର ପକ୍ଷରୁ ହେବାକୁ ଥିବା ନିର୍ବାଚନରେ ସାମିଲ ନହେବାକୁ ସଚେତନ କରାଇଛନ୍ତି। କେତେକ ସ୍ଥାନରେ ଆନ୍ଧ୍ର ପକ୍ଷରୁ ଲଗାଯାଇଥିବା ଫଳକକୁ ମଧ୍ୟ ସ୍ଥାନୀୟ ଜନପ୍ରତିନିଧି ଭାଙ୍ଗିଥିବା ଦେଖିବାକୁ ମିଳିଛି । ଏପଟେ କୋଟିଆକୁ ବାରୟାର ସରକାରୀ ଅଧିକାରୀ ଗସ୍ତ କରୁଥିବା ସତ୍ତ୍ୱେ ଆନ୍ଧ୍ରର ଗତିବିଧି ରୋକିବାକୁ ଦୃଢ଼ ପଦକ୍ଷେପ କାହିଁକି ନିଆଯାଉନାହିଁ, ସେଥି ପ୍ରତି ତୁରନ୍ତ ସରକାର ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି ସ୍ଥାନୀୟ ବିଧାୟକ । ହେଲେ ଡବଲ ଇଞ୍ଜିନ ସରକାର କାହିଁକି ଆନ୍ଧ୍ର ସରକାରଙ୍କୁ ବିରୋଧ କରୁନାହାନ୍ତି କି ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ପରଖୁନାହାନ୍ତି, ତାକୁ ନେଇ ଚର୍ଚ୍ଚା ଚାଲିଛି । ମନ୍ତ୍ରୀ, ବିଧାୟକଙ୍କ ଭୂମିକାକୁ ନେଇ ସମାଲୋଚନା କରାଯାଇଛି । ଅଧିକାରୀଙ୍କ ଉପରେ ଦାୟିତ୍ୱ ଲଦି ସରକାର ଚୁପ୍ ବସି ଭାଷଣ ମାରିବା ସମସ୍ତଙ୍କୁ ଚକିତ କରିଛି । ବିଜେଡିର ୧୬ ଜଣିଆ ପ୍ରତିନିଧି ଦଳ କୋଟିଆ ଗସ୍ତ କରି ବିଭିନ୍ନ ବିବାଦୀୟ ଅଂଚଳର ସ୍ଥିତି ଅନୁଧ୍ୟାନ କରିଥିଲେ । ଏହି ସମୟରେ ଆନ୍ଧ୍ର ପକ୍ଷରୁ ଲଗାଯାଇଥିବା ନାମଫଳକକୁ ଭାଙ୍ଗି ଉପାଡ଼ି ଦେଇଥିଲେ । କିନ୍ତୁ ୨୪ ଘଂଟା ନପୂରୁଣୁ ଆନ୍ଧ୍ରର ସାଲୁର ତହସିଲଦାର ଓ ମଣ୍ଡଳ ଅଧିକାରୀ କୋଟିଆରେ ପହଂଚି ପୁଣି ଫଳକଟିକୁ ପୋତିଥିବା ଦେଖିବାକୁ ମିଳିଛି । ଆନ୍ଧ୍ର ପକ୍ଷରୁ କୋଟିଆରେ ପଂଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପରେ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଆହୁରି ତୀବ୍ର ହୋଇଛି । ଆନ୍ଧ୍ରର ନିର୍ବାଚନ ପ୍ରକ୍ରିୟାକୁ ରୋକିବା ପାଇଁ କୋରାପୁଟ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଉଦ୍ୟମ ଆରମ୍ଭ କରିଛନ୍ତି । ଏପଟେ କୋରାପୁଟ ଉପଜିଲ୍ଲାପାଳ କୋଟିଆରେ ରାତ୍ରିଯାପନ କରିବା ସହ ବିବାଦୀୟ ଗାଁଗୁଡ଼ିକୁ ଯାଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ ଏବଂ ସଚେତନ କରିଥିଲେ । ଅନ୍ୟପଟେ ପଟାଙ୍ଗି ବ୍ଲକ କାର୍ଯ୍ୟାଳୟରେ ସର୍ବଦଳୀୟ ନେତାମାନେ ଏକ ପ୍ରସ୍ତୁତି ବୈଠକ କରିଛନ୍ତି । କୋଟିଆରେ ସ୍ଥିତାବସ୍ଥା ବଜାୟ ରଖିବାକୁ ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ସତ୍ତ୍ୱେ ଆନ୍ଧ୍ର ପ୍ରଶାସନ ତାହାକୁ ଅବମାନନା କରୁଥିବା ଅଭିଯୋଗ ହୋଇଛି । ଏହି ପ୍ରସଙ୍ଗରେ ଆନ୍ଧ୍ର ପ୍ରଶାସନ ବିରୋଧରେ କୋରାପୁଟ ଜିଲ୍ଲାପାଳ ସୁପ୍ରିମକୋର୍ଟରେ ଅଦାଲତ ଅବମାନନା ମାମଲା ଦାଖଲ କରିଛନ୍ତି । ଏହି ପ୍ରସଙ୍ଗକୁ ନେଇ ବିଜେଡ଼ି ଓ ବିଜେପି ମଧ୍ୟରେ ରାଜନୈତିକ ବାକ୍ ଯୁଦ୍ଧ ଜୋର ଧରିଛି । ଦୀର୍ଘ ଦିନର କୋଟିଆ ବିବାଦର ସମାଧାନ କେବେ ହେବ ଏବଂ ରାଜ୍ୟ ସରକାର ଏ ଦିଗରେ କି ପଦକ୍ଷେପ ନେବେ, ଏବେ ତାହା ଉପରେ ସମସ୍ତଙ୍କ ନଜର । ସବୁ ରାଜନୈତିକ ଦଳ ଏକାଠି ହେବା ଉପରେ ଗୁରୁତ୍ୱ ଦେଇଛନ୍ତି ବିଜେପି ରାଜ୍ୟ ସଭାପତି । କୋଟିଆର ସ୍ଥିତି ଅନୁଧ୍ୟାନ କରିବା ପାଇଁ ସବୁ ରାଜନୈତିକ ଦଳ ନିଜ ନିଜର ପ୍ରତିନିଧି ଦଳ ପଠାଇବାର ନୈତିକ ଅଧିକାର ରହିଛି ବୋଲି ସେ କହିଛନ୍ତି। ଏହା କୌଣସି ଗୋଟିଏ ଦଳର ପ୍ରସଙ୍ଗ ନୁହେଁ, ବରଂ ଓଡ଼ିଶାର ସ୍ୱାର୍ଥ ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଅନ୍ୟପଟେ, କୋଟିଆକୁ ନେଇ ସବୁ ରାଜନୈତିକ ଦଳକୁ ଏକାଠି କରିବା ପାଇଁ ବିଚାରବିମର୍ଶ ଚାଲିଥିବା ବିଜେପି ରାଜ୍ୟ ସଭାପତି ସୂଚନା ଦେଇଛନ୍ତି ।

AFFIDAVIT

By virtue of an affidavit before the Notary Public Balasore, I Amarendra Pani Son of Anand Pani permanent resident of vill- Manakahani, Po- Chakajagannathpur, Tahsil- Bahanaga, Ps- Khantapada, Dist- Balasore,State- Odisha, Pin- 756043 declare that, I am the father of the minor Chinmayee Pani, For and on behalf of my minor son, I wholly renounce, relinquish and abandon the use of the former name of my minor son Chinmayee Pani and in place thereof assume from the date hereof the name of such minor as Chandra Shekhar Pani. From now on he shall be known as Chandra Shekhar Pani for all purposes.

Amarendra Pani

AFFIDAVIT

By virtue of an affidavit before the executive Magistrate Balasore, I, Smt. Anupama Behera, aged 36 years, W/o- Sujit Kumar Maharna, residing At- Bhanjachada, P.o- Durgadevi, P.s- Remuna, Dist- Balasore, declare that my correct name is "Anupama Behera" has been mentioned in my Aadhaar Card bearing No- 390171626004, Pan Card, Bank Pass Book, HSC Certificate as per my Father's title. That My name i.e. "Anupama Maharna" has been mentioned in my Son's (Jagat Jeet Maharna) School record, P.M. Shri K.V. (No.- 1, Balasore) in place of Mother's name as per my husband title. Both the names Anupama Maharna and Anupama Behera is one and same person.

Anupama Behera

ରେଳପଥ ନିଯୁକ୍ତି ଦଲାଲ/ଠକମାନଙ୍କ ପ୍ରତି ସତର୍କ ରୁହନ୍ତୁ

ସାର୍ବଜନିକ ବିଜ୍ଞପ୍ତି

- ଟଙ୍କା ବଦଳରେ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଥି

ବାଲେଶ୍ୱର ମହାବୀର ଆଖଡ଼ା ସଂଘର ବାର୍ଷିକ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ମହାସମାରୋହରେ ପାଳିତ



ବାଲେଶ୍ୱର, ୨୭/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମହାବୀର ଆଖଡ଼ା ସଂଘର ମାକଲପୁର ସ୍ଥିତ ମହାବୀର ମନ୍ଦିର ପ୍ରାଙ୍ଗଣରେ ୨୬/୧୦/୨୦୨୬ ସୋମବାର ସନ୍ଧ୍ୟା ୭ ଘଟିକାରେ ବାର୍ଷିକ ଆଖଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ସଭାପତି ଗୋପୀନାଥ ଶତପଥୀ ଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ବସ୍ତା ବିଧାୟିକା ସୁବାସିନୀ ଜେନା ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ସମ୍ମାନୀୟ ଅତିଥି ଭାବେ ବାଲେଶ୍ୱର ମ୍ୟୁନିସପାଲିଟି ଚେୟାରମେନ ସବିତା ସାହୁ , ଟାଉନ ଥାନା ଆଇ ଆଇସି ବିଜୟ କୁମାର ଦାସ, ଓ ଆଖଡ଼ା ସଂଘର ସାଧାରଣ ସଂପାଦକ ମନୋଜ କୁମାର ଦାସ, ଉପସଭାପତି ପଦ୍ମ ଲୋଚନ ଲେଙ୍କା , ଉପସଭାପତି ମନୋଜ କୁମାର ରାଉତ , ଯୁଗ୍ମ ସମ୍ପାଦକ ରାମେଶ୍ୱର ବେହେରା , ସହକାରୀ ସାଧାରଣ ସମ୍ପାଦକ ବୈଲଚନ ଦାସ , କୋଷାଧକ୍ଷ ରାଜେନ୍ଦ୍ର କୁମାର ଚାଟାର୍ଜୀ, ଉପଦେଷ୍ଟା କାର୍ତ୍ତିକ ଚନ୍ଦ୍ର ବେହେରା, କାର୍ଯ୍ୟ ନିର୍ବାହୀ ସଦସ୍ୟ ସୌମ୍ୟ ରଞ୍ଜନ ଯାଦବ , ଉପଦେଷ୍ଟା କୈଳାଶ ଚନ୍ଦ୍ର ଯାଦବ , ଉପଦେଷ୍ଟା ଯଶୋଦା ନନ୍ଦନ ଆଶ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ବାଲେଶ୍ୱର ର ବିଭିନ୍ନ ଅଞ୍ଚଳରୁ ଆଖଡ଼ା ଦଳର ଖେଳାଳି ଓ ସର୍ଦ୍ଦାର ମାନେ ଉପସ୍ଥିତ ଥିଲେ । ପ୍ରତିଯୋଗିତାରେ ଭାଗ ନେଇ ଥିବା ଖେଳାଳି ମାନେ ବାନା,ବାନାଟି , ବାଡ଼ି ଖେଳ ପ୍ରଦର୍ଶନ କରିଥିଲେ।ପ୍ରଥମ ସ୍ଥାନ ବାଲେଶ୍ୱର ର ପୁରୁଣା ବାଲେଶ୍ୱର ଓ ଦ୍ୱିତୀୟ ସ୍ଥାନ ମାନସିଂ ବଜାର , ତୃତୀୟ ସ୍ଥାନ ଭୀମ ପୁରା ଦଳ ହୋଇଥିଲେ । ସେମାନଙ୍କୁ ସିଲ୍ , କପ୍ , ଚାନ୍ଦି ଗଦା ପ୍ରଦାନ କରାଯାଇଥିଲା । ପାରମ୍ପରିକ ଖେଳ ପ୍ରଦର୍ଶନ ରେ ମଠ ସାହି , ହର୍ଷପୁରା , ଇଶାଣି , ଅକୁଆବାଦ ପ୍ରଥମ ,ଦ୍ୱିତୀୟ ,ତୃତୀୟ ସ୍ଥାନ ଅଧିକାର କରିଥିଲେ। ଛୋଟ ଛୋଟ ବାଳିକା ମାନେ ନୂଆକରି ବାଡ଼ି ଖେଳ ରେ ଅଂଶ ଗ୍ରହଣ କରିଥିବାରୁ ଉପଦେଷ୍ଟା କାର୍ତ୍ତିକ ଚନ୍ଦ୍ର ବେହେରା, ସୌମ୍ୟ ରଞ୍ଜନ ଯାଦବ ଦ୍ୱାରା ସମସ୍ତ ବାଳିକା ଓ ଖେଳାଳିଙ୍କୁ ୫୦୦ ଟଙ୍କା ଲେଖାଏଁ ପ୍ରଦାନ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଅଞ୍ଚଳରୁ ସୁଦୂର ଦୂର ରୁ ଚିତ୍ତା କର୍ଷକ ଖେଳ ପ୍ରଦର୍ଶନ କରିବା ପାଇଁ ଆସିଥିବା ସର୍ଦ୍ଦାର ମାନଙ୍କୁ ୧ ହଜାର ଟଙ୍କା ଓ ଅତିଥି ମାନଙ୍କ ଦ୍ୱାରା ସିଲ୍ ପ୍ରଦାନ କରାଯାଇଥିଲା ।ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର କରିଥିବା ଖେଳାଳିଙ୍କୁ ୧ ହଜାର ଟଙ୍କା ଓ ମୁଖ୍ୟ ଅତିଥି,ସମ୍ମାନୀୟ ଅତିଥି ଦ୍ୱାରା ସିଲ୍ , କପ୍ , ମାନପତ୍ର ଆଖଡ଼ା ସଂଘକୁ ପ୍ରଦାନ କରିଥିଲେ । ଶେଷରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ବସ୍ତା ବିଧାୟିକା ସୁବାସିନୀ ଜେନା ତାଙ୍କ ବକ୍ତବ୍ୟରେ କହିଥିଲେ ଏହି ବାଡ଼ି ଖେଳ ହେବା ଦ୍ୱାରା ଆମର ପରମ୍ପରାକୁ ରକ୍ଷା କରିବା, ନିଜକୁ ବିପଦ ସମୟରେ ରକ୍ଷା କରିବା ସଙ୍ଗେ ସଙ୍ଗେ ନିଜକୁ ସୁସ୍ଥ ସବଳ ରକ୍ଷା କରିବା କହିଥିଲେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ପ୍ରଥମେ ବାଲେଶ୍ୱର ର ମହାବୀର ଆଖଡ଼ା ସଂଘ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରୁଥିବାରୁ ସମସ୍ତ କର୍ମକର୍ତ୍ତା ଙ୍କୁ ଧନ୍ୟବାଦ ଓ ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ । ସେ କହିଥିଲେ ଯେତେବେଳେ ଇଂରେଜ ମାନଙ୍କ ଶାସନ ରୁ ରକ୍ଷା କରିବା ଓ ଇଂରେଜ ମାନଙ୍କ ବିରୁଦ୍ଧରେ ଲଢେଇ କରିବା ପାଇଁ ୧୯୨୫ ମସିହାରେ ମହତାବ ଏହି ବାଡ଼ି ଖେଳ ବାଲେଶ୍ୱର ରେ ସୃଷ୍ଟି କରିଥିଲେ । ଏହା ଅଦ୍ୟାବଧି ଆମେ ଏହାକୁ ପାଳି ଆସୁଛୁ । ଏହା ଦ୍ୱାରା ଆମେ ଆମର ପରମ୍ପରା ସଂସ୍କୃତିକୁ ରକ୍ଷା କରି ପାରୁଛୁ । ସେହି ପରି ସମ୍ମାନୀୟ ଅତିଥି ବିଜୟ କୁମାର ଦାସ ଆଖଡ଼ା ସଂଘ କୁ ଧନ୍ୟବାଦ୍ ଦେବା ସଙ୍ଗେ ସଙ୍ଗେ ସର୍ଦ୍ଦାର ଓ ଖେଳ ଦେଖାଉଥିବା ସମେତ ଭାଇ ମାନଙ୍କୁ ଧନ୍ୟବାଦ ଦେଇଥିଲେ । ସେହିପରି ସମସ୍ତ ଅତିଥି ମାନେ ମହାବୀର ଆଖଡ଼ା ସଂଘର ଏପରି କାର୍ଯ୍ୟକ୍ରମ କରୁଥିବାରୁ ଧନ୍ୟବାଦ୍ ଦେଇଥିଲେ । ଏହି କାର୍ଯ୍ୟ କ୍ରମ କୁ ମନୋଜ କୁମାର ଧଳ, ଆଶ୍ରିତା ତରେଇ , ବଂଶାଧର ଦଳେଇ , ଦେବେନ୍ଦ୍ର ଦାସ, ଅରୁଣ କୁମାର ଚାଟାର୍ଜୀ , ଶ୍ରମୀଳା ଦାସ , ରବୀନ୍ଦ୍ର ବେହେରା , ଓ ମହାବୀର ଆଖଡ଼ା ସଂଘର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

ବାଲେଶ୍ୱରରେ ଯୁବ ବୈଜ୍ଞାନିକ ଡ଼. ସିଦ୍ଧାର୍ଥ ପଟିଙ୍କୁ ନାଗରିକ ସମ୍ବର୍ଦ୍ଧନା-୨୦୨୬



ବାଲେଶ୍ୱର, ୨୭/୧୦ (ନି.ପ୍ର): ବିଜ୍ଞାନ ଗବେଷଣା, ସାମୁଦ୍ରିକ ଜୈବପ୍ରଯୁକ୍ତି, ଜୈବବିବିଧତା ସଂରକ୍ଷଣ ଓ ନବସୃଜନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଭାବାନ ଓଡ଼ିଆ ବୈଜ୍ଞାନିକ ଡ଼. ସିଦ୍ଧାର୍ଥ ପଟିଙ୍କୁ ବାଲେଶ୍ୱର ଷ୍ଟେସନ କ୍ଲବ ପରିସରରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନ ପକ୍ଷରୁ 'ନାଗରିକ ସମ୍ବର୍ଦ୍ଧନା-୨୦୨୬' ପ୍ରଦାନ କରାଯାଇଛି। ଡ଼. ପଟି ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ଜୈବପ୍ରଯୁକ୍ତିରେ ଉଚ୍ଚଶିକ୍ଷା ଓ ପିଏଚ୍.ଡି ହାସଲ କରିବା ସହ ମାଲେସିଆ, ହଂକଂ ଓ ସିଙ୍ଗାପୁରରେ ଗବେଷଣା ଅଭିଜ୍ଞତା ଅର୍ଜନ କରିଛନ୍ତି। ୨୦୨୬ରେ ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ସ୍ଥାନ ପାଇବା ସହ ୨୦୨୪ରେ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ଏବଂ ୨୦୧୮ରେ Future Conservationist Award ଭଳି ସମ୍ମାନ ତାଙ୍କର ବୈଜ୍ଞାନିକ ସଫଳତାର ପରିଚୟ ବହନ କରେ। ତାଙ୍କର ୮୦ରୁ ଅଧିକ ଗବେଷଣା ପତ୍ର ପ୍ରକାଶନ, ବୈଜ୍ଞାନିକ ପୁସ୍ତକ ସମ୍ପାଦନା ଓ ପେଟେଣ୍ଟଭିତ୍ତିକ ନବସୃଜନ ଉଲ୍ଲେଖନୀୟ। ବିଶେଷକରି ସମୁଦ୍ରଜାତ ବର୍ଜ୍ୟରୁ ଚିଟିନ୍ ଓ ଚିଟୋସାନ୍ ଭଳି ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି କ୍ଷେତ୍ରରେ ତାଙ୍କର ଗବେଷଣା ପ୍ରଶଂସନୀୟ। ନୀଳରକ୍ତ କଙ୍କଡ଼ା ସଂରକ୍ଷଣ ପାଇଁ ୨୦୧୨ ମସିହାରୁ ଗବେଷଣା ଓ ଜନସଚେତନତା କାର୍ଯ୍ୟରେ ସେ ନିରନ୍ତର ଜଡ଼ିତ ରହିଛନ୍ତି। ଏଥିସହ ଇଇଜଜ ମାଧ୍ୟମରେ ଜୈବବିବିଧତା ସୁରକ୍ଷାରେ ଅବଦାନ ରଖିବା ସହ ନିଜର ଜୈବପ୍ରଯୁକ୍ତି ଉଦ୍ୟୋଗ ମାଧ୍ୟମରେ ରୋଜଗାର ସୃଷ୍ଟି ଓ ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରିବା ଦିଗରେ ସେ ପ୍ରୟାସ ଜାରି ରଖିଛନ୍ତି। ଯୁବପିଢ଼ି ପାଇଁ ପ୍ରେରଣା ଡ଼. ସିଦ୍ଧାର୍ଥ ପଟି ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୈଜ୍ଞାନିକ ତଥା ଆଇଟିଆ ?ର ଉପନିର୍ଦ୍ଦେଶକ ନୀଳାଦ୍ରି ରାୟ କହିଥିଲେ ଯେ, ଡ଼. ପଟିଙ୍କ ସଫଳତା ଯୁବପିଢ଼ି ପାଇଁ ଏକ ପ୍ରେରଣାର ଉତ୍ସ। ଅଳ୍ପ ବୟସରେ ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ତାଙ୍କର ଏହି ଉଲ୍ଲେଖନୀୟ ସଫଳତା ଓଡ଼ିଶା ମାଟି ପାଇଁ ଗୌରବ ଆଣିଛି। ଭାଷା ଓ ସାହିତ୍ୟର ବିକାଶ ପାଇଁ ସଂଗ୍ରାମ କରୁଥିବା ଏହି ମାଟିର ଜଣେ ଯୁବ ବୈଜ୍ଞାନିକଙ୍କ ଅନ୍ତର୍ଜାତୀୟ ସଫଳତା ସମସ୍ତଙ୍କ ପାଇଁ ଆନନ୍ଦ ଓ ଗର୍ବର ବିଷୟ ବୋଲି ସେ ମତବ୍ୟକ୍ତ କରିଥିଲେ। ସଭାରେ ଶିଳ୍ପୀ କେଶୁ ଦାସ ସଭାପତିତ୍ୱ କରିଥିଲେ। ବରିଷ୍ଠ ସାମ୍ବାଦିକ ବିପ୍ଳବ ମହାନ୍ତି, କବି ପ୍ରଶାନ୍ତ ଦାସ, ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ, ସମ୍ପାଦକ ଡ଼. ଗୋବିନ୍ଦ ବିଶ୍ୱାଳ, ବ୍ରଜେନ୍ଦ୍ର କୁମାର ପରିଡ଼ା ଫାଉଣ୍ଡେସନର ସଭାପତି ବାସନ୍ତୀମଣି ଦାସ ଏବଂ ଅରଣ୍ୟକର ମୁଖ୍ୟ ତଥା କବି ସୁଧାକର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ବଣଧୁଳିର ଫୁଲର ସଭାପତି ବିଜୟ ଆଚାର୍ଯ୍ୟ, ମୁନ୍ କମ୍ୟୁନିକେସନର ଅବନୀ ଜେନା, ସୃଷ୍ଟିର ମୁଖ୍ୟ ସନତ କୁମାର ପରିଡ଼ା, ଦେବାଶିଷ ସେଠୀ ସ୍ମୃତି ପରିଷଦର ମିନତି ସେଠୀ, ନ୍ୟୁ ହୋପ୍‌ର ମୁଖ୍ୟ ସଂଗ୍ରାମ ଦାସ, ବିକେପି ଫାଉଣ୍ଡେସନର ସୁକାନ୍ତି ପରିଡ଼ା ଓ ବନଲତା ଦାସଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗଦେଇ ଡ଼. ପଟିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।ବ୍ୟଙ୍ଗ କବି ପ୍ରଭାକର ସାହୁ କବିତା ମାଧ୍ୟମରେ ବୈଜ୍ଞାନିକ ଙ୍କୁ ସମ୍ବର୍ଦ୍ଧନା କରିଥିଲେ। କାର୍ଯ୍ୟକ୍ରମରେ ଉଷାରାଣୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅବନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ହର୍ଷମଣିଙ୍କୁ ବାର୍ଦ୍ଧକ୍ୟ ଓ କଟିଙ୍କୁ ଦିବ୍ୟାଙ୍ଗ ଭତ୍ତା ମିଳୁନଥିବାର ଅଭିଯୋଗ



ଉଦଳା , ୨୭/୧୦ (ନି.ପ୍ର): ଉଦଳା ବ୍ଲକର କୋଚିଳାଡ଼ିହା ପଂଚାୟତ ଅନ୍ତର୍ଗତ ଧୁଳିନ୍ଦା ଗ୍ରାମର ବାସିନ୍ଦା ସ୍ୱର୍ଗତଃ ବିନ ନାଏକଙ୍କ ପୁତ୍ର କଟି ନାଏକଙ୍କୁ ଦିବ୍ୟାଙ୍ଗ ଓ ବାବାଜି ଦେହୁରୀଙ୍କ ସହଧର୍ମିଣୀ ହର୍ଷମଣି ଦେହୁରୀଙ୍କୁ ବାର୍ଦ୍ଧକ୍ୟ ଭତା ମିଳିନଥିବାର ଅଭିଯୋଗ ହୋଇଛି । କଟି ନାଏକଙ୍କର ଗୋଟିଏ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ପରେ ଡ଼ାକ୍ତର ତାଙ୍କୁ ୩୦ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ସେହିପରି ଆଧାର କାର୍ଡ଼ରେ ଉଲ୍ଲେଖ ଥିବା ଜନ୍ମ ତାରିଖ ଅନୁସାରେ ହର୍ଷମଣି ବର୍ତମାନ ୬୭ ବର୍ଷ ବୟସରେ ପଦାର୍ପଣ କଲେ । ଏ ଦୁହେଁ ସାମାଜିକ ସୁରକ୍ଷା ଯୋଜନାରେ ପ୍ରଦାନ କରାଯାଉଥିବା ଭତା ପାଇବା ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରୟାର ଗୁହାରି ଜଣାଇଛନ୍ତି । କିନ୍ତୁ କେହି ତାଙ୍କର ଗୁହାରି ଶୁଣୁନଥିବାର ଅଭିଯୋଗ କରିଛନ୍ତି । ସାରା ଜୀବନ ଦିନ ମଜୁରିଆ ଭାବରେ କାମ କରି ସମୟ ବିତାଇଥିବା ଏହି ବ୍ୟକ୍ତି ମାନଙ୍କର ଦୁଃଖ ବୁଝି ତାଙ୍କୁ ତୁରନ୍ତ ସରକାର ସହଯୋଗର ହାତ ବଢ଼ାନ୍ତୁ ବୋଲି ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

ଇଣ୍ଡିଆନଅଏଲ୍ ପାରାଦୀପ ରିଫାଇନରୀରେ ସତର୍କତା ସଚେତନତା ସପ୍ତାହ-୨୦୨୬ ର ଶୁଭାରମ୍ଭ

ପାରାଦୀପ, ୨୭/୧୦ (ନି.ପ୍ର): ଇଣ୍ଡିଆନଅଏଲ୍ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ କୌଶିକ ବସୁ ଆଜି ସତର୍କତା ସଚେତନତା ସପ୍ତାହ ର ଉଦ୍ଘାଟନ କରିଥିଲେ । ଏହି ଅବସରରେ ଶ୍ରୀ ବସୁ ପିଡିଆରିଆନ୍ସ ଏବଂ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ ଯବାନମାନଙ୍କୁ 'ନାଗରିକଙ୍କ ପାଇଁ ସତ୍ୟନିଷ୍ଠା ଶପଥ' ପାଠ କରାଯାଇଥିଲା। ଏଥିରେ ସିଆଇଏସଏଫ ର ମୁଖ୍ୟ ପଦାଧିକାରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।ସତର୍କତା ସଚେତନତା ସପ୍ତାହ ର ଥିମ୍ "ସତ୍ୟନିଷ୍ଠା ରୁ ସମୃଦ୍ଧି" ବିଷୟବସ୍ତୁ ସହ ସମନ୍ୱୟ ରକ୍ଷା କରି, ତିନି ମାସ ଧରି ପାଳନ କରାଯାଇଥିବା ସତର୍କତା ପୂର୍ବ ପ୍ରସ୍ତୁତି ମୂଳକ କାର୍ଯ୍ୟକ୍ରମର ଅଂଶ ଭାବେ ପାରାଦୀପ ରିଫାଇନରୀରେ ଆୟୋଜିତ ବିଭିନ୍ନ କାର୍ଯ୍ୟକଳାପକୁ କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ ପ୍ରଶଂସା କରିଥିଲେ । ସେ ଗୁରୁତ୍ୱାରୋପ କରି କହିଥିଲେ ଯେ, ପରିଚାଳନା, ରକ୍ଷଣାବେକ୍ଷଣ, ଭେଣ୍ଡର୍ ପେମେଣ୍ଟ ଏବଂ ଟେଣ୍ଡର୍ ମୂଲ୍ୟାଙ୍କନ ଭଳି କାର୍ଯ୍ୟରେ ନିୟୋଜିତ ସମସ୍ତ କର୍ମଚାରୀ ସର୍ବୋଚ୍ଚ ସଚ୍ଚୋଟତା ଓ ନୈତିକତାର ମାନଦଣ୍ଡ ପାଳନ କରିବା ଆବଶ୍ୟକ। ଏଥିସହ ସେ ଏକ ନୈତିକତାଭିତ୍ତିକ କାର୍ଯ୍ୟସଂସ୍କୃତିର ପ୍ରସାର ପାଇଁ ଚାଲିଥିବା ଏହି ଅଭିଯାନରେ ସମସ୍ତଙ୍କୁ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ ।ଏହି ଅବସରରେ, ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ 'ସତର୍କତା ରଥ' ର ଶୁଭାରମ୍ଭ କରିଥିଲେ । ଏହି ରଥ ସମଗ୍ର ସପ୍ତାହ ଧରି ନିକଟବର୍ତ୍ତୀ ଗ୍ରାମ ପଞ୍ଚାୟତଗୁଡ଼ିକରେ ପୋଷ୍ଟର୍, ବ୍ୟାନର୍, ସଚେତନତାମୂଳକ ଜିଙ୍ଗଲ୍ସ ଏବଂ ସତ୍ୟନିଷ୍ଠା ଶପଥ ମାଧ୍ୟମରେ ସଚେତନତା ସୃଷ୍ଟି କରିବ ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ମାରାଥନ୍ ରାଲି



ବାଲେଶ୍ୱର, ୨୭/୧୦ (ନି.ପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ପାଳନ ଅବସରରେ ଆଜି ସକାଳ ୭ଟା ସମୟରେ ବାଲେଶ୍ୱର ଜିଲ୍ଲା ଭିଜିଲାନ୍ସ କାର୍ଯ୍ୟାଳୟ ପକ୍ଷରୁ ଏକ ମାରାଥନ୍ ରାଲି ଆୟୋଜିତ ହୋଇଥିଲା। ଏହି ରାଲି ରେମୁଣା ଛକଠାରୁ ଆରମ୍ଭ ହୋଇ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା। ଏଥିରେ କ୍ରୀଡ଼ା ଛାତ୍ରାବାସର ଛାତ୍ରଛାତ୍ରୀ ଏବଂ ଆଥଲେଟିକ୍ସ ଖେଳାଳିମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ରାଲି ମାଧ୍ୟମରେ ଦୁର୍ନୀତି ବିରୋଧରେ ଜନସଚେତନତା ସୃଷ୍ଟି କରିବା ସହ ସମାଜରେ ସ୍ୱଚ୍ଛତା, ସଚ୍ଚୋଟତା ଓ ନୈତିକତାର ମୂଲ୍ୟବୋଧକୁ ପ୍ରସାର କରିବାର ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ଭିଜିଲାନ୍ସ ଡିଏସପି ଶ୍ରୀଯୁକ୍ତ ସିକନ୍ଦର ହେମ୍ବ୍ରମ ଓ ଶ୍ରୀଯୁକ୍ତ ଚିନ୍ମୟ ରାଉତ, ଭିଜିଲାନ୍ସ ଇନ୍ସପେକ୍ଟର ଶ୍ରୀଯୁକ୍ତ ନବ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ପ୍ରବୋଧ କୁମାର ମଲିକ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ । ତାଙ୍କ ସହିତ ବାଲେଶ୍ୱର ଭିଜିଲାନ୍ସ ବିଭାଗର କର୍ମଚାରୀଙ୍କ ମଧ୍ୟ ଉପସ୍ଥିତ ରହିଥିଲେ। ଚଳିତ ବର୍ଷ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୨୬ ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ନିର୍ଦ୍ଧାରିତ ସମୟ...

୭୨୦୫୫୯୮୧୨୫ ରେ ଯୋଗାଯୋଗ କରିବାକୁ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏକ୍ସ ମାଧ୍ୟମରେ ଜନ ସାଧାରଣଙ୍କୁ ନିବେଦନ କରିଛନ୍ତି। ଘୂର୍ଣ୍ଣିବାତ୍ୟା 'ଅର୍ଣ୍ଣବ' ଯୋଗୁଁ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି, ବିଶାଖାପାଟଣା, କିରଣ୍ଡୁଲ, ଜଗଦଲପୁର, ରାଉରକେଲା, ହାୱଡ଼ା, ଭୁବନେଶ୍ୱର ଓ କୋରାପୁଟ ଆଦିକୁ ସଂଯୋଗ କରୁଥିବା କେତେକ ଏକ୍ସପ୍ରେସ୍ ଓ ପାସେଞ୍ଜର୍ ଟ୍ରେନ୍ ସେବା ୨୭ ଅକ୍ଟୋବରରୁ ୫ ନଭେମ୍ବର ମଧ୍ୟରେ ବିଭିନ୍ନ ତାରିଖରେ ବାତିଲ୍ କିମ୍ବା ନିୟନ୍ତ୍ରିତ କରାଯିବ। ବାତିଲ୍ ହେବାକୁ ଥିବା ଟ୍ରେନ୍ ଗୁଡ଼ିକ ହେଲା ଟ୍ରେନ୍ ନଂ ୧୮୫୧୫ ବିଶାଖାପାଟଣା–କିରଣ୍ଡୁଲ ଏକ୍ସପ୍ରେସ୍: ଅକ୍ଟୋବର ୨୯ରୁ ନଭେମ୍ବର ୪ ପର୍ଯ୍ୟନ୍ତ। ଟ୍ରେନ୍ ନଂ ୧୮୫୧୬ କିରଣ୍ଡୁଲ–ବିଶାଖାପାଟଣା ଏକ୍ସପ୍ରେସ୍: ଅକ୍ଟୋବର ୨୯ରୁ ନଭେମ୍ବର ୪ ପର୍ଯ୍ୟନ୍ତ। ଟ୍ରେନ୍ ନଂ ୧୮୧୦୭ ରାଉରକେଲା–ଜଗଦଲପୁର ଇଣ୍ଟରସିଟି ଏକ୍ସପ୍ରେସ୍: ଅକ୍ଟୋବର ୨୯ରୁ ନଭେମ୍ବର ୪ ପର୍ଯ୍ୟନ୍ତ। ଟ୍ରେନ୍ ନଂ ୧୮୧୦୮ ଜଗଦଲପୁର–ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍: ଅକ୍ଟୋବର ୩୦ରୁ ନଭେମ୍ବର ୫ ପର୍ଯ୍ୟନ୍ତ। ଟ୍ରେନ୍ ନଂ ୧୮୦୦୫ ହାୱଡ଼ା–ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ୍: ଅକ୍ଟୋବର ୨୭ରୁ ୩୦ ପର୍ଯ୍ୟନ୍ତ। ଟ୍ରେନ୍ ନଂ ୧୮୦୦୬ ଜଗଦଲପୁର–ହାୱଡ଼ା ସମଲେଶ୍ୱରୀ ଏକ୍ସପ୍ରେସ୍: ଅକ୍ଟୋବର ୨୮ରୁ ୩୧ ପର୍ଯ୍ୟନ୍ତ। ଟ୍ରେନ୍ ନଂ ୫୮୫୩୮ ବିଶାଖାପାଟଣା–କୋରାପୁଟ ପାସେଞ୍ଜର୍: ଅକ୍ଟୋବର ୨୭ରୁ ୩୦ ପର୍ଯ୍ୟନ୍ତ। ଟ୍ରେନ୍ ନଂ ୫୮୫୩୭ କୋରାପୁଟ–ବିଶାଖାପାଟଣା ପାସେଞ୍ଜର୍: ଅକ୍ଟୋବର ୨୮ରୁ ୩୧ ପର୍ଯ୍ୟନ୍ତ। ଟ୍ରେନ୍ ନଂ ୧୮୫୧୨ ବିଶାଖାପାଟଣା–କୋରାପୁଟ ଏକ୍ସପ୍ରେସ୍: ଅକ୍ଟୋବର ୩୦ ତାରିଖରେ। ଟ୍ରେନ୍ ନଂ ୧୮୫୧୧ କୋରାପୁଟ–ବିଶାଖାପାଟଣା ଏକ୍ସପ୍ରେସ୍: ଅକ୍ଟୋବର ୩୧ ତାରିଖରେ। ଟ୍ରେନ୍ ନଂ ୫୮୫୦୧ ବିଶାଖାପାଟଣା–କିରଣ୍ଡୁଲ ପାସେଞ୍ଜର୍: ଅକ୍ଟୋବର ୨୭ରୁ ୩୦ ପର୍ଯ୍ୟନ୍ତ। ଟ୍ରେନ୍ ନଂ ୫୮୫୦୨ କିରଣ୍ଡୁଲ–ବିଶାଖାପାଟଣା ପାସେଞ୍ଜର୍: ଅକ୍ଟୋବର ୨୭ରୁ ୩୦ ପର୍ଯ୍ୟନ୍ତ। ଟ୍ରେନ୍ ନଂ ୧୨୭୦୪ ସିକନ୍ଦରାବାଦ–ହାୱଡ଼ା ଫାଲକନୁମା ଏକ୍ସପ୍ରେ

ବୁଧବାର, ଅକ୍ଟୋବର ୨୮, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଉଦଳାରେ ୧୧୫ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

ଉଦଳା, ୨୭/୧୦ (ନି.ପ୍ର): ପୁର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ଅକ୍ଟୋବର ୨୬ ତାରିଖ ସୋମବାର ଦିନ କପ୍ତିପଦା ଉପଖଣ୍ଡ ପାଇଁ ଉଦଳାଠାରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ମୟୂରଭଂଜ ଜିଲ୍ଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣଶ୍ରୁପାଲି ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ଯୋଗଦେଇ ୧୧୫ଗୋଟି ଜନଅଭିଯୋଗର ଶୁଣାଣି କରିଛନ୍ତି । ଉପକଣ୍ଡର ଉପଜିଲ୍ଲାପାଳ ପ୍ରଣୟ ରଂଜନ ବେହେରାଙ୍କ ପ୍ରତକ୍ଷ ତତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଗୋକୁଳାନନ୍ଦ ସାହୁ, ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡ଼ା. ମୀନକେତନ ମହାନ୍ତି ଯୋଗଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା, ଉପଖଣ୍ଡ ତଥା ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ସମସ୍ତ ଅଭିଯୋଗ ମଧ୍ୟରେ ୯୦ଗୋଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ବେଳେ ୨୫ଗୋଟି ସାମୂହିକ ସମସ୍ୟା ବିଷୟ ଉପରେ ଆଧାରିତ ଥିଲା । ସେଥିମଧ୍ୟରୁ ୧୯ଗୋଟି ସମସ୍ୟାର ତତକାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୬ଜଣଙ୍କୁ ୧ଲକ୍ଷ ୧୨ ହଜାର ଟଙ୍କା ଓ ରେଡ଼୍‌କ୍ରସ ପାଣ୍ଠିରୁ ୩ଜଣଙ୍କୁ ୫୦ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଡ଼େପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମୁରଲିଧର ଚାନ୍ଦ ଏବଂ କାର୍ଯ୍ୟାଳୟର କର୍ମଚାରୀ ପାର୍ବତୀ କିସ୍କୁ, ପ୍ରତିଭା ପାତ୍ର, ଭବାନିଶଙ୍କର ପଣ୍ଡା, ମୃତ୍ୟୁଞ୍ଜୟ ନାୟକ, ତରୁଣକାନ୍ତି ମହାପାତ୍ର, ଅଜିତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

ଶିଶୁଙ୍କ ଯୌନ ଶୋଷଣ ରୋକିବାକୁ ସଚେତନତା ଜରୁରୀ: ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ 'ସୁରକ୍ଷିତ ବଚପନ ଅଭିଯାନ'



ଭଦ୍ରକ, ୨୭/୧୦ (ନି.ପ୍ର): ଶିଶୁଙ୍କ ଯୌନ ଶୋଷଣ ରୋକିବା ସହ ସେମାନଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ 'ସୁରକ୍ଷିତ ବଚପନ ଅଭିଯାନ' ଅନ୍ତର୍ଗତ 'ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଚିଙ୍ଗୁଡ଼ିପୁରସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ଆବାହକ ତଥା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ମନୋଜ ଦାସ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ, ସାମାଜିକ ଶିଶୁ ଆଇନ ଅଧିକାରୀ ସୁବ୍ରତ ଦାସ ଏବଂ ପ୍ୟାନେଲ ଅଧିବକ୍ତା ନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା ଓ ଏ ସମ୍ପର୍କିତ ଆଇନଗତ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ।ମୁଖ୍ୟ ଅତିଥି ଶ୍ରୀ ଜେନା ନିଜ ଅଭିଭାଷଣରେ ଶିଶୁଙ୍କ ମୌଳିକ ଅଧିକାର ଏବଂ ଯୌନ ଅପରାଧରୁ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଣୀତ ଆଇନ ସମ୍ପର୍କରେ ବୁଝାଇଥିଲେ। ପ୍ରାଧିକରଣର ସଚିବ ଶ୍ରୀ ରଥ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ତଥା ଆଇନ ସହ ସଂଘର୍ଷରେ ଥିବା ଶିଶୁଙ୍କ ଅଧିକାର ଓ ସୁରକ୍ଷା ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ। ଏଥିସହ ବିପଦରେ ଥିବା ଶିଶୁଙ୍କୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ନିଃଶୁଳ୍କ ହେଲ୍ପଲାଇନ୍ ନମ୍ବରର ବ୍ୟବହାର ସମ୍ପର୍କରେ ସଚେତନ କରାଇଥିଲେ। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୀ ଦାସ ମହାପାତ୍ର ଶିଶୁଙ୍କ ସୁରକ୍ଷା ପାଇଁ ରହିଥିବା ଆଇନଗତ ବ୍ୟବସ୍ଥା ସହ ସେମାନଙ୍କ ମର୍ଯ୍ୟାଦା ଓ ଗୋପନୀୟତା ଅକ୍ଷୁଣ୍ଣ ରଖିବାର ଗୁରୁତ୍ୱ ଉପରେ ମତ ରଖିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଦ୍ୱିବେଦୀ ସାମାଜିକ ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର, ସାଇବର ଅପରାଧ ଏବଂ ଅନଲାଇନ୍ ବିପଦରୁ ଶିଶୁଙ୍କୁ ସୁରକ୍ଷା ଦେବା ସମ୍ପର୍କରେ ଆଲୋଚନା କରିଥିଲେ। ସାମାଜିକ ଶିଶୁ ଆଇନ ଅଧିକାରୀ ଶ୍ରୀ ଦାସ ଶିଶୁଙ୍କ ମୌଳିକ ଅଧିକାର, ଶିକ୍ଷା ଓ ସଚେତନତା ସହ ଶିଶୁ ସୁରକ୍ଷା କ୍ଷେତ୍ରରେ ଶିକ୍ଷକ ଓ ପରିବାରର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ୟାନେଲ ଅଧିବକ୍ତା ଶ୍ରୀ ମହାନ୍ତି ଶିଶୁଙ୍କ ସୁରକ୍ଷା ପାଇଁ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କୁ ସଚେତନ ଓ ଦାୟିତ୍ୱବାନ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ କୁମାର ଖିଲାରଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ଜିତେନ୍ଦ୍ର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମକର୍ତ୍ତାଙ୍କ ସହଯୋଗରେ ଏହି ଅଭିଯାନକୁ ଆଗେଇ ନିଆଯାଇଥିଲା।

ପାରାଦୀପ ବନ୍ଦର ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଶୁଭାରମ୍ଭ: ସହରରେ ପଦଯାତ୍ରା, ସତର୍କତା ରଥ ଓ ପଥପ୍ରାନ୍ତ ନାଟକ ଆୟୋଜିତ



ପାରାଦୀପ, ୨୭/୧୦ (ନି.ପ୍ର): ସତର୍କତା ସଚେତନତା ସପ୍ତାହ ପାଳନ ଅବସରରେ ପାରାଦୀପ ବନ୍ଦର ପକ୍ଷରୁ ସଚ୍ଚୋଟତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦୁର୍ନୀତି ବିରୋଧରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ 'ସଚ୍ଚୋଟତା ପାଇଁ ପଦଯାତ୍ରା', ସତର୍କତା ରଥ ଓ ପଥପ୍ରାନ୍ତ ନାଟକ ଭଳି ବିଭିନ୍ନ ଜନ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବନ୍ଦର ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ ଓ ମୁଖ୍ୟ ସତର୍କତା ଅଧିକାରୀ ଆର୍. ଏନ୍. ଅବନିକାନ୍ତ ପରିଡ଼ାଙ୍କ ଭିଡିଓ ବାର୍ତ୍ତାକୁ ନେଇ ସତର୍କତା ରଥ ସହ ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି ପଦଯାତ୍ରା ବଡପଡ଼ିଆ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିକଟରୁ ବାହାରି ଅଫିସର୍ସ କ୍ଲବ୍ ଓ ଟାଉନସିପ୍ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ପିପିଏର ଅଧିକାରୀ ଓ କର୍ମଚାରୀ, ସିଆଇଏସ୍‌ଏଫ୍ ଯବାନ, ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦା ଅଂଶଗ୍ରହଣ କରିଥିଲେ। ପଦଯାତ୍ରାରେ ସାମିଲ ହୋଇ ସମସ୍ତେ ନୈତିକ ଆଚରଣ, ସ୍ୱଚ୍ଛତା ଏବଂ ଦୁର୍ନୀତି ବିରୋଧୀ ଲଢ଼େଇରେ ସାମୂହିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରଚାର କରିଥିଲେ। ଏହି ଜନସଚେତନତା କାର୍ଯ୍ୟକ୍ରମର ଅଂଶସ୍ୱରୂପ ସାଂସ୍କୃତିକ ଅନୁଷ୍ଠାନ 'କାନମାସ୍' ପକ୍ଷରୁ ପ୍ରସ୍ତୁତ ପଥପ୍ରାନ୍ତ ନାଟକ 'ଏପଟ ଦେଖ୍, ସେପଟ ଦେଖ୍' ବସ୍ ଷ୍ଟାଣ୍ଡ ନିକଟ ଏବଂ କବରଖାନା ବଜାରଠାରେ ପରିବେଷଣ କରାଯାଇଥିଲା। ଆକର୍ଷଣୀୟ ନାଟକ ମାଧ୍ୟମରେ କଳାକାରମାନେ ଦୁର୍ନୀତିର କୁପରିଣାମକୁ ସାମ୍ନାକୁ ଆଣିବା ସହ ନୈତିକ ଆଚରଣ, ଉତ୍ତରଦାୟିତ୍ୱ ଏବଂ ଦୁର୍ନୀତି ନିବାରଣରେ ସାମୂହିକ ପ୍ରୟାସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଦୁର୍ନୀତିମୁକ୍ତ ସମାଜ ଗଠନ ଦିଗରେ ସାମୂହିକ ଦାୟିତ୍ୱବୋଧକୁ ଉତ୍ସାହିତ କରିବା ପାଇଁ ପିପିଏ ନିରନ୍ତର ପ୍ରୟାସ ଜାରି ରଖିଛି।

ଅଚିହ୍ନା ବୃଦ୍ଧର ଶବ ଉଦ୍ଧାର

ନୀଳଗିରି, ୨୭/୧୦ (ନି.ପ୍ର): ନୀଳଗିରି ଏନ.ଏ.ସି ହାଟଚାଳିରେ ଜୈନିକବୃଦ୍ଧର ମୃତ୍ୟୁଘଟିଥିବା ବେଳେ ବୃଦ୍ଧର ପରିଚୟ ମିଳିପାରି ନାହିଁ। ତେବେ ଚାଳିଭିତରେ କପଡ଼ା ଗୋଡ଼ାଇହୋଇ ସବୁଦିନ ପରି ଶୋଇଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିବା ସାଧାରଣଲୋକ ଜାଣିପାରିନଥିଲେ। ତେବେ ଘଣ୍ଟାଘଣ୍ଟା ଧରି ନଉଠିବାରୁ ସ୍ଥାନୀୟଲୋକେ ଦେଖିବାପରେ ମୃତ୍ୟୁ ହୋଇଥିବାର ଜଣାପଡିଲା। ଏନେଇ ନୀଳଗିରି ପୋଲିସକୁ ଖବର ଦେବାପରେ ଘଟଣାସ୍ଥଳରେ ପହଞ୍ଚି ଅଚିହ୍ନାବୃଦ୍ଧର ମରଶରୀରକୁ ଜବଦକରି ନୀଳଗିରି ମେଡ଼ିକାଲକୁ ଆଣିଛନ୍ତି। ତେବେ ବୃଦ୍ଧ ଜଣକ ଭିକମାଗି ଜୀବନ କାଟୁଥିବା ବେଳେ କିଛିଦିନଧରି ଅସୁସ୍ଥହୋଇ ପଡ଼ିବାରୁ ଆଉ ଭିକ୍ଷାବୃତ୍ତି କରିନପାରିବାରୁ ଖାଇବାକୁ ପାଉ ନଥିଲେ। ଶେଷରେ ଅନାହାରରେ ପଡ଼ିପଡି ମୃତ୍ୟୁ ହୋଇଥିବାର ଆଶଙ୍କା ପ୍ରକାଶ ପାଇଛି।

ସରିଲା ଡ. ମହତାବ ମହାବିଦ୍ୟାଳୟର ଚୟନ ପ୍ରକ୍ରିୟା

ଖୁସି ଜାହିର କଲା ଏବିଭିପି, ପ୍ରତିବାଦ ଜଣାଇଲା ବିସିଜେଡି



ଖଇରା, ୨୭/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ବିବାଦ ଲାଗି ରହିଥିବା ବେଳେ ପୋଲିସ ସୁରକ୍ଷା ବଳୟ ଭିତରେ ଅତିରିକ୍ତ ତହସିଲଦାର ଗଦାଧର ସେଠୀଙ୍କ ଉପସ୍ଥିତିରେ ଅଧ୍ୟକ୍ଷ ସରୋଜ କୁମାର ଲେଙ୍କାଙ୍କ ଦ୍ୱାରା ଚୟନ ହୋଇଥିବା ପ୍ରାର୍ଥୀ ଙ୍କ ନାମ ଘୋଷଣା କରାଯାଇଛି । ସଭାପତି ଭାବେ ସ୍ମୃତିରେଖା ମହାପାତ୍ର, ଉପସଭାପତି ଭାବେ ଶ୍ରଦ୍ଧା ସୁମନ ନାୟକ,ସାଧାରଣ ସମ୍ପାଦକ ଭାବେ ରାଜଶ୍ରୀ ପାତ୍ର,ସହ ସମ୍ପାଦକ ଭାବେ ଦେବବ୍ରତ ଲେଙ୍କା,ନାଟ୍ୟ ସଂସଦ ସମ୍ପାଦକ ଭାବେ ସତ୍ୟଜିତ ସାହୁ,କ୍ରିଡା ସଂସଦ ସମ୍ପାଦକ ଭାବେ ପରେଶ ନାୟକ ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।ମନୋନୀତ ସମସ୍ତ ପ୍ରାର୍ଥୀ ଏବିଭିପିର ବୋଲି ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି । ପରେ ବିଜୟୀ ପ୍ରାର୍ଥୀ ମାନେ ଯୁବନେତା ନିଳମାଧବ ପଣ୍ଡା, ପ୍ରିତିଶ ମହାପାତ୍ର,ସୁମନ୍ତ ଜେନା,ପତିତପାବନ କର,ଅଜୟ ବେହେରା,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ସହ ଡିଜେ ବଜାଇ କୁପାରୀ ବଜାର ପରିକ୍ରମା କରିଛନ୍ତି। ସେପଟେ ଅଧ୍ୟକ୍ଷଙ୍କ ନିଷ୍ପତ୍ତି କୁ ଏକତରଫା ବୋଲି ଦର୍ଶାଇ ବିସିଜେଡି ସମର୍ଥୀତ ଛାତ୍ରୀଛାତ୍ର ମାନେ ଧାରଣାରେ ବସିରହିଥିଲେ । ଖଇରା ଥାନା ଆଇଆଇସି ପ୍ରଶାନ୍ତ ଜେନାଙ୍କ ହସ୍ତକ୍ଷେପ ପରେ ପିଲା ମାନେ ଧାରଣାରୁ ଉଠିଥିଲେ । ଧାରଣାରତ ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁଯାୟୀ ଅଧକ୍ଷ ଲେଙ୍କା ନିର୍ବାଚନ ବନ୍ଦ କରି ପ୍ରଥମେ ଚୟନ କରିବାକୁ ନିଷ୍ପତ୍ତି ନେଇଥିଲେ। ୧୫ତାରିଖ ଦିନ ଏବିଭିପି ପ୍ରାର୍ଥୀଙ୍କର ନାମ ତାଲିକା ନେଇଥିବା ବେଳେ ବିସିଜେଡି ପ୍ରାର୍ଥୀଙ୍କୁ ସେମାନଙ୍କ ନାମ ତାଲିକା ଦେବାପାଇଁ ସୁଯୋଗ ଦିଆଯାଇନଥିଲା । ସରକାରଙ୍କ ଏସଓପି କୁ ଆଳକରି ଚୟନ ପ୍ରକ୍ରିୟାକୁ ଘୁଆଇ ଚାଲିଥିଲେ । ଏହାକୁ କେନ୍ଦ୍ର କରି ୧୬ତାରିଖରେ ବିବାଦୀୟ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା । କଲେଜ ଖୋଲିଲେ ଗାଇଡଲାଇନ ଅନୁଯାୟୀ ସହମତିରେ କରାଯିବ ବୋଲି କୁହାଯାଇଥିଲେ ହେଁ ହଠାତ ମଙ୍ଗଳବାର କଲେଜ ଖୋଲିବା ମାତ୍ରେ ଏକତରଫା ଭାବେ ଏବିଭିପି ପିଲାଙ୍କ ନାମ ଘୋଷଣା କରାଯାଇଥିବା କହିଛନ୍ତି। ଅଧ୍ୟକ୍ଷଙ୍କୁ ଏ ସମ୍ପର୍କରେ ପଚାରିବାରେ ସେ ୧୫ତାରିଖ ଦିନ ୨ଗୋଷ୍ଠୀର ପିଲାଙ୍କ ନିକଟରୁ ଛାତ୍ର ସଂସଦ ପାଇଁ ତାଲିକା ମଗାଇଥିଲେ । ହେଲେ ଗୋଟିଏ ଗୋଷ୍ଠୀ ଏହି ଦେଇଥିବା ବେଳେ ଅନ୍ୟଗୋଷ୍ଠୀ ଏହାକୁ ପ୍ରତ୍ୟାକ୍ଷାନ କରିଥିଲେ । ସରକାରଙ୍କ ଗାଇଡଲାଇନ ଅନୁଯାୟୀ ଅଧିକାରୀ ମାନଙ୍କ ଉପସ୍ଥିତିରେ ଯୋଗ୍ୟତା ଭିତିରେ ପିଲାଙ୍କ ନାମ ଘୋଷଣା କରାଯାଇଛି ।

ସିଂଲା ପଡଞ୍ଜଳି ଯୋଗକେନ୍ଦ୍ରର ବାର୍ଷିକ ଉତ୍ସବ



ଲଙ୍ଗଳେଶ୍ୱର, ୨୭/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ସିଂଲା ପଞ୍ଚାୟତ ଅନ୍ତର୍ଗତ ସିଂଲା ପତଞ୍ଜଳି ଯୋଗକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି,ଏଥିରେ ବସ୍ତା ବ୍ଲକ ର ତହସିଲ ପ୍ରଭାରୀ ଅନ୍ତର୍ଯ୍ୟାମୀ ସାମନ୍ତରାଏ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ପତଞ୍ଜଳି ଯୋଗ ସମିତି ରାଜ୍ୟ ସହ ପ୍ରଭାରୀ ସୁନୀଲ ଶର୍ମା ଯୋଗଦେଇ ଯୋଗ ମନୁଷ୍ୟ କୁ ନିରୋଗ ରଖିବା ସହିତ ସୁସ୍ଥ ସମାଜ ଗଠନ ରେ ସହାୟକ ହୁଏ, ତେଣୁ ମନୁଷ୍ୟ କୁ ପ୍ରତ୍ୟେକ ଦିନ ୨ ଥର ଯୋଗ ଅଭ୍ୟାସ କରିବା ନିତ୍ୟାନ୍ତ ଆବଶ୍ୟକ ,ଯୋଗ ବିନା ରୋଗ ର ବିନାଶ ନାହିଁ ବୋଲି ସମସ୍ତଙ୍କୁ ବକ୍ତବ୍ୟ ମାଧ୍ୟମରେ ବୁଝାଇ ଥିଲେ,ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ପତଞ୍ଜଳି ର ଭାରତ ସ୍ୱାଭିମାନ ପ୍ରଭାରୀ କରୁଣାକର ଶିଅଳ ଉପସ୍ଥିତ ହୋଇ ଯୋଗ ସମ୍ପର୍କ ରେ ବକ୍ତବ୍ୟ ପ୍ରଦାନ କରିଥିଲେ ସମ୍ମାନିତ ଅତିଥି ଭାବେ ପତଞ୍ଜଳି ଯୋଗ ସମିତି ପ୍ରଭାରୀ ମନୋଜ କୁମାର ଦେ,ପତଞ୍ଜଳି ମହିଳା ପ୍ରଭାରୀ ଯଶୋମତୀ ଶିଅଳ,ସୋସିଆଲ ମିଡିଆ ପ୍ରଭାରୀ ଗୋପ ଗୋବିନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ହୋଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ, ଏଥିରେ ଉକ୍ତ ଯୋଗକେନ୍ଦ୍ରର ସମ୍ପାଦକ ବସନ୍ତ ଦାଶ, ସହ ସମ୍ପାଦକ ଅଶୋକ ଦାଶ, ପ୍ରଶାନ୍ତ କୁମାର ସାହୁ,ତପନ ଦାଶ, ସଞ୍ଜିବ ସାହୁ,ଗୌତମ ପ୍ରଧାନ, ଅମୂଲ୍ୟ ସାହୁ,କବିତା ସାହୁ,କାକଳି ସାମନ୍ତରାଏ, ଭାରତୀ ସାହୁ,କୁଞ୍ଜଲତା ମହାନ୍ତି, ଦିପ୍ତି ରାଣୀ ଦାଶ ପ୍ରମୁଖ ସହଯୋଗ କରିଥିଲେ ।

ବ୍ଲକ ପ୍ରଶାସନ ସହାୟତାରେ ୨ ଜଣ ଅନାଥ ଶିଶୁଙ୍କର ରାଇକମା ଆଶ୍ରମ ବିଦ୍ୟାଳୟରେ ନାମ ଲେଖା



ବୈଶିଙ୍ଗା , ୨୭/୧୦ (ନି.ପ୍ର): ବେତନଟୀ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀ ମଦନ ସିଂଙ୍କ ନିର୍ଦ୍ଦେଶକ୍ରମେ ୨ଜଣ ଅନାଥ ଶିଶୁ, ସତ୍ୟ ସିଂ,ଲିପୁନ ସିଂଙ୍କୁ ଗ୍ରାମ- ବିଷ୍ଣୁପୁର, ଅଞ୍ଚଳରୁ ଉଦ୍ଧାର କରାଯାଇ ରାଇକମା ଆଶ୍ରମ ବିଦ୍ୟାଳୟରେ ଯଥାକ୍ରମେ ସପ୍ତମ ଓ ଦ୍ୱିତୀୟ ଶ୍ରେଣୀରେ ଆଡମିଶନ କରାଯାଇଥବା ଜଣାଯାଇଛି । ଉଲ୍ଲେଖଯୋଗ୍ୟ ଏହି ଯେ, ପିତା - ଅର୍ଜୁନ ସିଂ ମୃତ୍ୟୁବରଣ କରିବାପରେ ମାତା - ସଞ୍ଜିତା ସିଂ ୨ଜଣ ସନ୍ତାନଙ୍କୁ ଛାଡ଼ି ଅନ୍ୟତ୍ର ବସବାସ କରୁଛନ୍ତି । ଆଜି ବଡ଼ମା ରେବତୀ ସିଂଙ୍କ ସହାୟତାରେ ୨ ଜଣ ଭାଇ ରାଇକମା ଆଶ୍ରମ ବିଦ୍ୟାଳୟରେ ପହଞ୍ଚିବାରୁ ପ୍ରଧାନଶିକ୍ଷକ ରଜତ କୁମାର ଦାଶ ସେମାନଙ୍କର ଉପଯୁକ୍ତ ଶ୍ରେଣୀରେ ଆଡ଼ମିଶନ କରିଥିଲେ । ଏଥି ସହିତ ବିଦ୍ୟାଳୟ ତରଫରୁ ସ୍କୁଲ ବ୍ୟାଗ, ଖାତା, କଲମ ଆଦି ଦିଆଯିବା ସହିତ ଛାତ୍ର।ବାସରେ ରହିବାର ସୁବନ୍ଦୋବସ୍ତ କରାଯାଇଥିଲା ।ବିଦ୍ୟାଳୟର ସମସ୍ତ ଶିକ୍ଷିକା,କର୍ମଚାରୀ ଉପସ୍ଥିତ ରହି ୨ ଅନାଥ ଶିଶୁଙ୍କୁ ପାଠ ପଢିବା ପାଇଁ ଉତ୍ସାହିତ କରିଥିଲେ । ଏହିଭଳି ଅନାଥ ଶିଶୁମାନଙ୍କ ନିମନ୍ତେ ମଙ୍ଗଳକାରୀ ପଦକ୍ଷେପ ନିଆଯାଇଥିବାରୁ ସ୍ଥାନୀୟ ଅଭିଭାବକମାନେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ ।

ଟାଙ୍ଗୀ ବ୍ଲକରେ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି



ଖୋରଧା , ୨୭/୧୦ (ନି.ପ୍ର): ଆଜି ପୂର୍ବାହ୍ନରେ ଖୋରଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ରତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାର ସ୍ନିଥ ପାରୁଷୋତ୍ତମ୍ ଦାସ ଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ରତୁରାଜ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ